**ନୂଆ ପରିଚାଳନା କମିଟି ଗଠନକୁ ନେଇ ଚର୍ଚ୍ଚା**

**ପୁରୀ,(ଅଜିତ୍ କୁମାର ମହାନ୍ତି):** ଆସନ୍ତା ଅଗଷ୍ଟ ମାସରେ ଚଳିତ ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ଖୁବ୍‌ଶୀଘ୍ର ନୂତନ କମିଟି ଗଠନ ହେବ। ତେବେ ବିଗତ ଦିନରେ କମିଟିରେ ସଦସ୍ୟ ଚୟନ ନେଇ ବିଭିନ୍ନ ନିଯୋଗ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଏପରି କି ସଦସ୍ୟମାନଙ୍କୁ ଚୟନ କରା ନ ଯାଇ ନିର୍ବାଚନ କରାଯାଉ ବୋଲି ଦାବି ହୋଇଆସୁଛି। ଆଗକୁ ଆଇନ ବିଭାଗର ୮ଟି ପଏଣ୍ଟ ଅନୁଯାୟୀ ଆଗାମୀ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ନେଇ ବର୍ତ୍ତମାନ ଠାରୁ ଚର୍ଚ୍ଚା ଆରମ୍ଭ ହେଲାଣି।

# ହତ୍ୟା ମାମଲା ରୁଜୁ କଲା ଭରତପୁର ଥାନା ପୋଲିସ

**ନବଘନଙ୍କ ମୃତ୍ୟୁ ଘଟଣା**

**ଭୁବନେଶ୍ୱର,୩୧।୭(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ବରମୁଣ୍ଡାର ନବଘନ ପାଇଁଶାଣୀ (୪୫) ଓରଫ ବଙ୍କାଙ୍କ ରହସ୍ୟାଜନକ ମୃତ୍ୟୁକୁ ନେଇ ଚର୍ଚ୍ଚା ଲାଗି ରହିଛି। ବୁଧବାର ପରିବାର ଲୋକ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନବଘନଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ସ୍ତ୍ରୀ ସୁଲଚନା ପାଇଁଶାଣୀ ଏତଲାରେ ଉଲ୍ଲେଖ କରିଛନ୍ତି। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିଛି। ନବଘନଙ୍କ ସହ ଶତ୍ରୁତା ଥିବା ବ୍ୟକ୍ତିଙ୍କୁ ପୋଲିସ ଚିହ୍ନଟ କରି ପଚରାଉଚରା କରୁଛି। ତେବେ କିଛି ସନ୍ଦିଗ୍ଧଙ୍କୁ ପୋଲିସ ଉଠାଇ ଆଣିଥିବା ମଧ୍ୟ ସୂଚନା ମିଳିଛି। ଅଭିଯୁକ୍ତମାନଙ୍କୁ ଧରିବା ଗିରଫ କରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ସୂଚନାଯୋଗ୍ୟ, ନବଘନ ଜୁଲାଇ ୧୯ ରାତିରେ ଘରୁ ବାହାରି ଆଉ ନ ଫେରିବାରୁ ପରିବାର ଲୋକେ ଭରତପୁର ଥାନାରେ ନିଖୋଜ ଏତଲା ଦେଇଥିଲା। ଥାନା ପକ୍ଷରୁ ମ୍ୟାନ ମିସିଙ୍ଗ୍ ରିପୋର୍ଟ ପଞ୍ଜୀକୃତ କରାଯାଇ ଖୋଜାଖୋଜି ଜାରି ରହିଥିଲା। ଜୁଲାଇ ୨୦ ତାରିଖରେ କନ୍ଦଳ ନଦୀରୁ ନବଘନଙ୍କ ମୃତଦେହକୁ ଗୋବିନ୍ଦପୁର ପୋଲିସ ଜବତ କରିଥିଲା। ପରିଚୟ ନ ମିଳିବାରୁ ପୋଲିସ ୯୬ ଘଣ୍ଟା ପରେ ମୃତଦେହକୁ ପୋତି ଦେଇଥିଲା। ଉକ୍ତ ମୃତଦେହଟି ନବଘନଙ୍କର ବୋଲି ସ୍ପଷ୍ଟ ହେବା ପରେ ଗୋବିନ୍ଦପୁର ପୋଲିସ ମୃତଦେହକୁ କାଢ଼ି ମଙ୍ଗଳବାର ହସ୍ତାନ୍ତର କରିଥିଲା।

# ସ୍ପେଶାଲ କ୍ରାଇମ୍ ୟୁନିଟ୍ ପଞ୍ଝାରେ ୪ ଗଞ୍ଜେଇ ଚାଲାଣକାରୀ

**ଭୁବନେଶ୍ୱର,୩୧।୭(ସତ୍ୟଜିତ୍ ରାଉତ)**

କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ ପଞ୍ଝାରେ ପଡ଼ିଛନ୍ତି ୪ ଗଞ୍ଜେଇ ଚାଲାଣକାରୀ। ୭.୫୦ ଲକ୍ଷ ଟଙ୍କାର ୭୫ କେଜି ଗଞ୍ଜେଇ ଭର୍ତ୍ତି ଏକ କାର୍‌କୁ ପୋଲିସ ଜବତ କରିଛି। ତେବେ ପୋଲିସ ଚଢ଼ାଉ ବେଳେ ଏକ ଅଘଟଣ ଘଟିଛି। ମୁଖ୍ୟ ଅଭିଯୁକ୍ତ ଫେରାର ହେବାକୁ ଦୌଡ଼ିବାବେଳେ ହାଇୱା ଧକ୍କାରେ ତାଙ୍କର ଜୀବନ ଯାଇଛି। ମଙ୍ଗଳବାର ରାତିରେ ଭୁବନେଶ୍ୱର ଗଙ୍ଗପଡ଼ା ନିକଟ ୧୬ ନଂ. ଜାତୀୟ ରାଜପଥରେ ଏହି ଘଟଣା ଘଟିଛି। ଗିରଫ ହୋଇଥିବା ୪ ଅଭିଯୁକ୍ତ ହେଲେ ଗଜପତି ଜିଲା ମୋହନା ଅଞ୍ଚଳର ବାବୁଲା ଶବର (୨୮), ନୟାଗଡ଼ ସଦର ଥାନା ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ଜିଲା ସଦର ଥାନା ଅଞ୍ଚଳର ବିଭୁ ପ୍ରସାଦ ଆଚାର୍ଯ୍ୟ (୨୮), ନୟାଗଡ଼ ଓଡ଼ଗାଁ ଅଞ୍ଚଳର ଚନ୍ଦନ କୁମାର ଘଡେଇ (୨୫) ଓ ବବୁଲ ବରାଡ଼ (୨୨)। ଏନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦୁର୍ଘଟଣାରେ ମୃତ୍ୟୁବରଣ



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

**ଖସିଯିବା ବେଳେ ହାଇୱା ଧକ୍କାରେ ମୁଖ୍ୟ ଅଭିଯୁକ୍ତଙ୍କ ମୃତ୍ୟୁ**

- କାର୍ ସମେତ ୭.୫୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ
- ଗଙ୍ଗପଡ଼ା ନିକଟ ଏନ୍ଏଚ୍-୧୬ରେ ଘଟିଲା ଦୁର୍ଘଟଣା

କରିଥିବା ଅଭିଯୁକ୍ତ ହେଲେ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ଜୋହନ ରଇତ। ତାଙ୍କ ନାମରେ ମୋହନା ଥାନାରେ ମାମଲା ଥିବାବେଳେ ଗଞ୍ଜେଇ ଚାଲାଣ ମାମଲାରେ ସେ ପୂର୍ବରୁ ଗିରଫ ହୋଇଥିଲେ ବୋଲି ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟା ୧୫ ବେଳେ ସ୍ପେଶାଲ କ୍ରାଇମ ୟୁନିଟ୍‌ର ଏକ ଟିମ୍ ତଦନ୍ତ ପାଇଁ ଏନ୍.ଏଚ୍-୧୬ ଦେଇ ଯାଉଥିଲା। ଏହି ସମୟରେ ଗଙ୍ଗପଡ଼ା ନିକଟ ଏକ ମନ୍ଦିର ସାମ୍ନାରେ ଉକ୍ତ କାର୍‌ଟି ପାର୍କ ହେବା ସହ ୬ଜଣ ଅଭିଯୁକ୍ତ ସନ୍ଦେହଜନକ ଅବସ୍ଥାରେ ଠିଆ ହୋଇଥିଲେ। କାର୍‌କୁ ଯାଞ୍ଚ କରିବା ପାଇଁ ପୋଲିସ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ଦୌଡ଼ିବାକୁ ଆରମ୍ଭ କରିଥିଲେ। ପୋଲିସ ଟିମ୍ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ କାବୁ କରିଥିବା ବେଳେ ଜଣେ ଗଙ୍ଗପଡ଼ା ଆଡକୁ ପଳାଇ ଯାଇଥିଲେ। ଅଭିଯୁକ୍ତ ଜୋହନ୍ ଏନ୍ଏଚ୍ ଦେଇ ଗୀତମ କଲେଜ ଆଡ଼କୁ ଦୌଡ଼ିଥିଲେ। ଏହି ସମୟରେ ଖୋର୍ଦ୍ଧା ପାର୍ଶ୍ୱରୁ ଭୁବନେଶ୍ୱରକୁ ଆସୁଥିବା ଏକ ହାଇୱା ସାମ୍ନାରେ ସେ ପଡ଼ିଯାଇଥିଲେ। ହାଇୱାଟି ଜୋହନ୍‌କୁ ଧକ୍କା ଦେଇ ଦ୍ରୁତଗତିରେ ଭୁବନେଶ୍ୱର ଅଭିମୁଖେ ପଳାଇ ଯାଇଥିଲା। ପୋଲିସ ଗୁରୁତର ଜୋହନଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ୍‌କୁ ନେଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ରିପୋର୍ଟ ଆଧାରରେ ଇନ୍‌ଫୋସିଟି ଥାନା ପକ୍ଷରୁ ଏକ ଦୁର୍ଘଟଣାଜନିତ ମାମଲା (ନଂ.୨୧୦/୨୦୨୪) ରୁଜୁ କରାଯାଇ ତଦନ୍ତ ଚାଲିଛି। ଉକ୍ତ ହାଇୱାକୁ ଧରିବାକୁ ପୋଲିସ ପ୍ରୟାସ କରୁଛି। ଅନ୍ୟପକ୍ଷରେ ଅଭିଯୁକ୍ତମାନେ ଗଜପତିରୁ ଗଞ୍ଜେଇ ଆଣିଥିବାବେଳେ ଗଙ୍ଗପଡ଼ା ଅଞ୍ଚଳରେ ତାହାକୁ ଚାଲାଣ କରିବାର ଯୋଜନା ଥିଲା ବୋଲି ଜଣାପଡ଼ିଛି। ଏହି ଗଞ୍ଜେଇ ଜବତ ମାମଲାରେ ସ୍ପେଶାଲ କ୍ରାଇମ ୟୁନିଟ୍ ଅଧିକ ଖୋଳତାଡ଼ କରିବା ସହ ଜେଲ ଯାଇଥିବା ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବାକୁ ଯୋଜନା ରଖିଛି।

# ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ




ବୈଠକରେ ରାଜ୍ୟ ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ର ଏବଂ ଅନ୍ୟମାନେ।

**ଭୁବନେଶ୍ୱର,୩୧।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଂସ୍ଥାର ୧୪୪ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ଆୟୋଜିତ ହୋଇଯାଇଛି। ରାଜ୍ୟ ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଉପସଭାପତି ଟି. ପ୍ରସାଦ ରାଓ ଦୋରା ଉପସ୍ଥିତ ଥିଲେ। ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଅନାମିକା ଦାସ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସଷ୍ଟେନେବଲ ଡେଭଲପମେଣ୍ଟ ଗୋଲ, ସ୍ୱଚ୍ଛ ଭାରତ ଅଭିଯାନ, ଟାଇଡ୍ ଟର୍ନର ପ୍ଲାଷ୍ଟିକ ଚ୍ୟାଲେଞ୍ଜ, ୟୁ-ରିପୋର୍ଟର ଇଣ୍ଡିଆ, ୟୁଥ୍ ଫର୍ ୱାଟର୍ ପ୍ଲସ, ଟିକେଟ ଟୁ ଲାଇଫ, ମେସେଞ୍ଜର ଅଫ ପିସ୍ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ ବୈଠକରେ ଆନନ୍ଦ ପ୍ରକାଶ ପାଇଥିଲା। ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ମୁଖ୍ୟ କମିଶନର ଡ. ମିଶ୍ର ସଭ୍ୟମାନଙ୍କ ସହଯୋଗ କାମନା କରିଥିଲେ। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଦେଇଥିଲେ।




ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ବୁଧବାର କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକ ଆସୋସିଏଶନ୍‌ର ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥି।

# ଜ୍ୟୋତିର୍ମୟୀ ସାମନ୍ତରାୟଙ୍କୁ ଅବସର ସମ୍ବର୍ଦ୍ଧନା

**ଭୁବନେଶ୍ୱର,୩୧।୭ (ଶର୍ମିଷ୍ଠା ପାଣିଗ୍ରାହୀ)**

ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ଡ. ଜ୍ୟୋତିର୍ମୟୀ ସାମନ୍ତରାୟ ବୁଧବାର ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଭାଗ ପକ୍ଷରୁ ଡ. ସାମନ୍ତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଅଧ୍ୟକ୍ଷତା କରି ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସେବା ନିବୃତ୍ତ ଡ. ସାମନ୍ତରାୟଙ୍କ ସୁସ୍ଥ ଓ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ। ସେ ଡ. ସାମନ୍ତରାୟଙ୍କ କାର୍ଯ୍ୟଦକ୍ଷତା, ଆନ୍ତରିକତା ଓ କର୍ତ୍ତବ୍ୟପରାୟଣତାର ପ୍ରଶଂସା କରି ତାହା କନିଷ୍ଠ ଅଧିକାରୀମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇରହିବ ବୋଲି କହିଥିଲେ। ସେ ଡ. ସାମନ୍ତରାୟଙ୍କୁ ବୃଦ୍ଧାନ୍ତ ପେନସନ୍ କାଗଜାତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ. ସାମନ୍ତରାୟ ନିଜ କର୍ମମୟ ଜୀବନର ଅଭିଜ୍ଞତା ବର୍ଣ୍ଣନା କରିବା ସହ ବିଭାଗ ପକ୍ଷରୁ ପାଇଥିବା ସ୍ନେହ, ଶ୍ରଦ୍ଧା ଓ ସହଯୋଗ ନିମନ୍ତେ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ଉପଶାସନ ସଚିବ ପ୍ରଣବ ପ୍ରକାଶ ଦାସ, ଉପନିର୍ଦ୍ଦେଶିକା ଦୀପ୍ତିମୟୀ ମହାପାତ୍ର, ସୂଚନା ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଡ. ସାମନ୍ତରାୟଙ୍କ ସହିତ ସେମାନଙ୍କ କର୍ମ ଜୀବନର ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରିବା ସହ ତାଙ୍କ ଅବସରକାଳୀନ ଜୀବନଚର୍ଯ୍ୟା ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ।



ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ଡ. ଜ୍ୟୋତିର୍ମୟୀ ସାମନ୍ତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ଛାତ୍ର ସଂସଦ ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ

**କଟକ,୩୧।୭ (କାର୍ତ୍ତିକ ସାହୁ)**

ଓଡ଼ିଶା ନବନିର୍ମାଣ ବିକାଶ ମଞ୍ଚ ପକ୍ଷରୁ ପୂର୍ବତନ ଯୁବ-ଛାତ୍ରନେତାଙ୍କ ବନ୍ଧୁମିଳନ କଟକ ଟାଉନ୍‌ହଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିକାଶ ମଞ୍ଚର କେନ୍ଦ୍ରୀୟ ସଭାପତି ଡ. ଜ୍ଞାନଗୁରୁ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ରାଜକିଶୋର ଦାଶ ଯୋଗଦେଇଥିଲେ। କଟକ, ଭୁବନେଶ୍ୱର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରୁ ବହୁ ଛାତ୍ରନେତା ଯୋଗଦେଇଥିଲେ। ରେଭେନ୍‌ଶା କଲେଜର ପୂର୍ବତନ ସଭାପତି ତପନ କୁମାର ମିଶ୍ର ୨ଟି ପ୍ରସ୍ତାବ ଆଗତ କରିଥିଲେ। ପ୍ରଥମରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଚଳିତବର୍ଷ ଛାତ୍ରସଂସଦ ନିର୍ବାଚନ ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ। ଦ୍ୱିତୀୟରେ ଆଗାମୀ ଦିନରେ ରାଜ୍ୟସ୍ତରୀୟ ସମାବେଶ କରାଯିବ। ସର୍ବସମ୍ମତିକ୍ରମେ ଉକ୍ତ ପ୍ରସ୍ତାବ ଗୃହୀତ ହୋଇଥିଲା। ଯୁବଛାତ୍ର ନେତା ବିଷ୍ଣୁଚରଣ ବାରିକ, ଆଡ୍‌ଭୋକେଟ ମିଳନ କୁମାର ବଡ୍ଡୁ, ଅଭିନ୍ନ ଚନ୍ଦ୍ର ଦେଓ, ପ୍ରଦୀପ କୁମାର ସାହୁ, ହୃଦାନନ୍ଦ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ବେହେରା, ଅମରେନ୍ଦୁ ମହାନ୍ତି, ଆଜାଦ ବୃନ୍ଦାବନ ଦାସ, ସଂଯୋଜ ସାମନ୍ତରାୟ, ବିଶ୍ୱଜିତା ଜେନା, ଦେବୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆଲୋକ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ହେଲ୍ପମେଟ୍‌ର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୩୧।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ସାମାଜିକ ଅନୁଷ୍ଠାନ ହେଲ୍ପମେଟ୍ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ହେଲ୍ପମେଟ୍‌ର ବାର୍ଷିକ ଉତ୍ସବ ମଙ୍ଗଳବାର ସୂଚନା ଭବନରେ ପାଳିତ ହୋଇଯାଇଛି। ଏହି ଅବସରରେ 'ଆମ ଭାଷା ଓ ସଂସ୍କୃତି ଆମ ସ୍ୱାଭିମାନ' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ଉତ୍ସବକୁ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡେମୀ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଓ ମୁଖ୍ୟବକ୍ତା ରୂପେ ମନୋରଞ୍ଜନ ମହାପାତ୍ର ମଞ୍ଚାସୀନ ଥିଲେ। ଆମ ଭାଷା ପାଇଁ ଦେଶ ବିଦେଶରେ ଓଡ଼ିଶାର କଳା ଓ ସଂସ୍କୃତି ଆମ ପରିଚୟକୁ ଆହୁରି ଉଜ୍ଜ୍ୱଳ କରୁଛି। ବିଶ୍ୱରେ ଶାନ୍ତି, ପ୍ରେମ, ଅହିଂସା ଓ ସଦ୍‌ଭାବନାକୁ ରକ୍ଷା କରିବାକୁ ହେଲେ ସ୍ୱାଭିମାନକୁ ରକ୍ଷା କରିବାକୁ ପଡ଼ିବ। ତେବେ ଯାଇ ଓଡ଼ିଶା ଏକ ସମୃଦ୍ଧ ଓ ଉନ୍ନତ ରାଜ୍ୟରେ ପରିଗଣିତ ହେବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ।

ସମ୍ପାଦିକା ନିବେଦିତା ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ। ଚମକ ଚାନ୍ଦିନୀ ଦାଶ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଚେତନତାମୂଳକ ନାଟକ 'ଆଜିର ଭବିଷ୍ୟତ ବିପଥଗାମୀ' ପରିବେଷଣ କରାଯାଇଥିଲା। ସ୍ମରଣିକା 'ବନ୍ଧୁତା'ର ପଞ୍ଚମ ସଂସ୍କରଣ ଉନ୍ମୋଚନ କରାଯାଇ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ପ୍ରତିଭା ଅନୀଲ କୁମାର ପାଢ଼ୀ, ଉଦୟ ଚାନ୍ଦ ମଲ୍ଲିକ, ପ୍ରମୋଦ ରାଉତରାୟ, ଏଲିଜା ଜେନା ଏବଂ କୁମାରୀ ଲାସ୍ୟାଙ୍କୁ ଆଦର୍ଶ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ଉପସଭାପତି ନିହାରିକା ପଟ୍ଟନାୟକ, ସହସମ୍ପାଦିକା ଲିନା ମିଶ୍ର, ସନ୍ଧ୍ୟା ପୃଷ୍ଟି, ଦୀପ୍ତି ମିଶ୍ର, ଜୟଶ୍ରୀ ପଟ୍ଟନାୟକ, ରେଣୁବାଳା ଦଳାଇ, ବବିତା ମହାନ୍ତି, ଗୀତାଞ୍ଜଳି ସ୍ୱାଇଁ ଏବଂ ମୋନିକା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଅତିଥିମାନେ ସ୍ମରଣିକା 'ବନ୍ଧୁତା'ର ପଞ୍ଚମ ସଂସ୍କରଣ ଉନ୍ମୋଚନ କରୁଛନ୍ତି।

# ବଡ଼ଗଡ଼ରେ ପୂଜା ପାଇବେ ୫୭ ଫୁଟର ଗଣେଶ

**ପୁରୁଣା ଭୁବନେଶ୍ୱର,୩୧।୭ (ସୁବାସ ଚନ୍ଦ୍ର ପ୍ରଧାନ)**

ଆସନ୍ତା ସେପ୍ଟେମ୍ବର ୭ରେ ଗଣେଶ ପୂଜା। ଏନେଇ ବଡ଼ଗଡ଼ ବ୍ରାଇଟ ଷ୍ଟାର ୟୁଥ୍ ଆସୋସିଏଶନ କ୍ଲବ ପରିସରରେ ଗଣେଶ ମହୋତ୍ସବ ପୂଜା କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ସଂଗ୍ରାମ ମାର୍ଥା ସଭାପତିତ୍ୱ କରିଥିଲେ। ଗଣେଶ ମହୋତ୍ସବର ରୂପରେଖ, କାର୍ଯ୍ୟକ୍ରମ, ଅର୍ଥବ୍ୟୟ ଓ ଅନ୍ୟାନ୍ୟ କାର୍ଯ୍ୟସୂଚୀ ଉପରେ ଆଲୋଚନା ହୋଇଥିଲା। ଏତର ୫୭ଫୁଟ ଉଚ୍ଚର ଗଣେଶ ପୂଜା ପାଇବେ। କୋଲକାତାର ଶିଳ୍ପୀମାନଙ୍କ ଦ୍ୱାରା ପ୍ରତିମା ନିର୍ମାଣ କରାଯିବ। ଏଥିସହ ସୁଉଚ୍ଚ ତୋରଣ ହେବ। ମୀନାବଜାର ଓ ରାମଦୋଳି ବସିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ସଭାପତି ମାର୍ଥା ସୂଚନା ଦେଇଛନ୍ତି। ବୈଠକରେ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିଭିନ୍ନ ସାପ୍ତାହିକ, ପାକ୍ଷିକ ଓ ମାସିକ ସମ୍ବାଦପତ୍ର ସମ୍ପାଦକମାନେ ବୁଧବାର ସନ୍ଧ୍ୟାରେ ବିଧାନସଭା ସଚିବାଳୟସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରସଙ୍ଗରେ ଦାବି ଉପସ୍ଥାପନ କରୁଛନ୍ତି।

# ଡେଷ୍ଟିଚ୍ୟୁଟ୍ ୱାର୍ଡରେ ସୁସ୍ଥ ପରେ ପଡ଼ିରହୁଛନ୍ତି ବୃଦ୍ଧା

**କଟକ,୩୧।୭(ଶିଳ୍ପା ପ୍ରିୟଦର୍ଶିନୀ)**

**ଏସ୍‌ସିବି ମେଡିସିନ ବିଭାଗ**

- ସେମାନଙ୍କୁ ନେବା ପାଇଁ ସମ୍ପର୍କୀୟ ଆସୁନାହାନ୍ତି
- ଆଶ୍ରୟସ୍ଥଳକୁ ନେବା ପାଇଁ ସିଏମ୍‌ସି କମିଶନରଙ୍କୁ ଚିଠି

ଏସ୍‌ସିବି ମେଡିକାଲ ମେଡିସିନ ବିଭାଗ ଡେଷ୍ଟିଚ୍ୟୁଟ୍ ୱାର୍ଡରେ ପଡି ରହିଛନ୍ତି ବୃଦ୍ଧା। ଏପରି କି ଉକ୍ତ ବିଭାଗରେ ଚିକିତ୍ସା ପରେ ମେଡିକାଲ ପକ୍ଷରୁ ଡିସ୍‌ଚାର୍ଜ କରାଗଲେ ମଧ୍ୟ ସେମାନଙ୍କୁ ନେବାକୁ ସମ୍ପର୍କୀୟ ଆସୁନାହାନ୍ତି। ଫଳରେ ୱାର୍ଡ ପରିସରରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହି ଅସହାୟ ବୃଦ୍ଧାମାନେ ୱାର୍ଡରେ ପଡି ରହିବା ଯୋଗୁ ବେଡ୍ ବା ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀଙ୍କୁ ଡାକ୍ତର ଠିକ୍ ଭାବେ ଚିକିତ୍ସା କରିପାରୁନାହାନ୍ତି।

ମେଡିକାଲର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ, ଡେଷ୍ଟିଚ୍ୟୁଟ୍ ୱାର୍ଡରେ ବେଡ୍ ସଂଖ୍ୟା ୪୦ ରହିଛି। ହେଲେ ଏବେ ସେଠାରେ ୮୭ ଜଣ ବୃଦ୍ଧା ରୋଗୀ ଅଛନ୍ତି। ସେଥିମଧ୍ୟରୁ ପ୍ରାୟ ୪୦ ଜଣ ସମ୍ପୂର୍ଣ୍ଣ ସୁସ୍ଥ ଥିବାରୁ ଡାକ୍ତର ସେମାନଙ୍କୁ ଡିସ୍‌ଚାର୍ଜ କରିସାରିଛନ୍ତି। ବେଡ୍ ସଂଖ୍ୟାଠାରୁ ଅଧିକ ରୋଗୀ ଥିବାରୁ ସମସ୍ୟା ଦେଖାଦେଇଛି। ଅସହାୟ ବୃଦ୍ଧାଙ୍କ ରହିବା ପାଇଁ ସିଏମ୍‌ସି ପକ୍ଷରୁ ସହରରେ ୩ଟି ଆଶ୍ରୟସ୍ଥଳ ଖୋଲାଯାଇଛି। ସୁସ୍ଥ ହୋଇଥିବା ବୃଦ୍ଧାଙ୍କୁ ଉକ୍ତ ଆଶ୍ରୟସ୍ଥଳରେ ରଖିବା ପାଇଁ ପୂର୍ବରୁ ଅନେକଥର ମେଡିକାଲ ପକ୍ଷରୁ ସିଏମ୍‌ସି କମିଶନରଙ୍କୁ ଚିଠି ଲେଖାଯାଇଛି। ହେଲେ ଏନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ମଙ୍ଗଳବାର ପୁଣିଥରେ ମେଡିକାଲ ପକ୍ଷରୁ ସିଏମ୍‌ସି କମିଶନରଙ୍କୁ ଚିଠି ଲେଖାଯାଇଛି। ଏ ସମ୍ପର୍କରେ ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ଡେଷ୍ଟିଚ୍ୟୁଟ୍ ୱାର୍ଡରେ ଅସୁସ୍ଥ ରୋଗୀଙ୍କ ସମେତ ସୁସ୍ଥ ହୋଇଥିବା କେତେଜଣ ରୋଗୀ ମଧ ରହିଛନ୍ତି। ହେଲେ ସୁସ୍ଥ ହୋଇଥିବା ବୃଦ୍ଧାଙ୍କୁ ନେବାକୁ କେହି ନାହାନ୍ତି। ଏପରିସ୍ଥିତିରେ ମେଡିକାଲରୁ ସେମାନଙ୍କୁ ବିଦା କରାଯାଇନାହିଁ। ସେମାନଙ୍କ ପାଇଁ ସିଏମ୍‌ସିର ଆଶ୍ରୟସ୍ଥଳ ସୁବିଧା ଥିବାରୁ ସେଠାକୁ ପଠାଇବା ନିମନ୍ତେ କମିଶନରଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବ ବୋଲି ଆଶା ରହିଥିବା ରାଉତ କହିଛନ୍ତି। ଏନେଇ ସିଏମ୍‌ସି କମିଶନର ବିଜୟ ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।




ବିଭିନ୍ନ ଦାବି ନେଇ ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ବୁଧବାର ପିଏମ୍‌ଜିଠାରେ ଧାରଣା ଦିଆଯାଇଛି।



ଜାତୀୟ ଦଳିତ ଆଦିବାସୀ ମାଇନରିଟି ମହାସଂଘ, ଓଡ଼ିଶା ପକ୍ଷରୁ ପିଏମ୍‌ଜିଠାରେ ଧାରଣା ଦିଆଯାଇଛି। (ଫଟୋ- ବିକାଶ ନାୟକ)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୭।୨୦୨୪

| | |
|---|---|
| ୪,୩୪,୨୩୫ ଟଙ୍କା | |
| ସୁନା | ୧୨.୫୫୦ ଗ୍ରାମ୍ |
| ରୁପା | ୬୦.୭୦୦ ଗ୍ରାମ୍ |

# ନୂଆ ପରିଚାଳନା କମିଟି ଗଠନକୁ ନେଇ ବଢୁଛି ଚର୍ଚ୍ଚା

ପୁରୀ,୩୧।୭(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଅଗଷ୍ଟ ମାସରେ ଚଳିତ ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ଖୁବ୍‌ଶୀଘ୍ର ନୂତନ କମିଟି ଗଠନ ହେବ। ତେବେ ବିଗତ ଦିନରେ କମିଟିରେ ସଦସ୍ୟ ଚୟନ ନେଇ ବିଭିନ୍ନ ନିଯୋଗ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଏପରି କି କମିଟିରେ ଥିବା ସେବାୟତ ସଦସ୍ୟମାନଙ୍କୁ ଚୟନ କରା ନ ଯାଇ ନିର୍ବାଚନ କରାଯାଉ ବୋଲି ଦାବି କରି ଆସୁଥିଲେ। ଆଗକୁ କମିଟିର କାର୍ଯ୍ୟକାଳ ସରୁଥିବାବେଳେ ଆଇନ ବିଭାଗର ୮ଟି ପଏଣ୍ଟ ଅନୁଯାୟୀ ଆଗାମୀ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ନେଇ ବର୍ତ୍ତମାନ ଠାରୁ ଚର୍ଚ୍ଚା ଆରମ୍ଭ ହେଲାଣି। ମହାପ୍ରଭୁଙ୍କ ସେବା ପୂଜା ସହ ଅଧିକ ସଂଶ୍ଳିଷ୍ଟ ଥିବା ତଥା ଉତ୍ତମ ବ୍ୟବହାର ଥିବା ସେବାୟତଙ୍କୁ ପରିଚାଳନା କମିଟିରେ ସ୍ଥାନାନ୍ତର ସହ ସ୍ୱଚ୍ଛତା ଓ ନିରପେକ୍ଷତା ରଖିବା ପାଇଁ ମତ ଉଠିଛି। ଶ୍ରୀମନ୍ଦିର ଆକ୍ଟ ୧୯୫୫ ଅନୁସାରେ କମିଟି ସଦସ୍ୟ ଚୟନ ପ୍ରକ୍ରିୟାରେ ଆବଶ୍ୟକ ପଡ଼ିଲେ ଲଟେରିର ସହଯୋଗ ନିଆଯିବ ବୋଲି ଜଣାପଡ଼ିଥିବାବେଳେ ନୂଆ ମୁହଁ ସୁଯୋଗ ପାଇଁ ଦାବି କରାଯାଇଛି। ସେପଟେ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ କମିଟି ଗଠନ ନେଇ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଅଗଷ୍ଟରେ ଶ୍ରୀମନ୍ଦିର ପରିଚାଳନା କମିଟି କାର୍ଯ୍ୟକାଳ ସରୁଥିବା ବେଳେ ନୂଆ କମିଟି ଗଠନ କରାଯିବ। ଏହି କମିଟି ଗଠନ ବେଳେ ସ୍ୱଚ୍ଛତା ଓ ନିରପେକ୍ଷତାକୁ ଗୁରୁତ୍ୱ ଦିଆଯିବା ସହ ଆଇନ ବିଭାଗର ନିର୍ଦ୍ଦେଶନାମା ଅନୁସାରେ କାର୍ଯ୍ୟକାରୀ କରାଯିବ। ନୂଆ ପରିଚାଳନା କମିଟି ଗଠନ ସମୟରେ ଗାଇଡ୍ ଲାଇନରେ ସ୍ୱଚ୍ଛତା ରଖିବାକୁ ଆଇନ ବିଭାଗ ତରଫରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଲକ୍ଷ୍ୟରେ ରଖି ବିଧି ବ୍ୟବସ୍ଥା ଆପଣାଇବାକୁ ଆଇନ ବିଭାଗ ୮ ସୂତ୍ର ଦେଇଛି। ତେବେ କମିଟିରେ ମୋଟ ୧୮ ଜଣ ସଦସ୍ୟ ରହୁଥିବାବେଳେ ସେବାୟତ ଓ ମଠରୁ ପ୍ରାୟ ୭ଜଣ ସଦସ୍ୟଙ୍କ ନାମ ଚୟନ ହୋଇଥାଏ। ବିଶେଷ ସାମାଜିକ କାର୍ଯ୍ୟ କରି ପ୍ରଶଂସା ପାଇଥିବା ଅନ୍ୟ ୨ଜଣଙ୍କୁ ସରକାର କମିଟିରେ ସ୍ଥାନ ଦେଇଥାଆନ୍ତି। ଗଜପତି କମିଟି ସ୍ଥାୟୀ ଅଧ୍ୟକ୍ଷ ହୋଇଥିବାବେଳେ କମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି, ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ, ଏଣ୍ଡାଓମେଣ୍ଟ କମିଶନର, ଆଇନ ବିଭାଗ ସଚିବ ପ୍ରମୁଖ ସ୍ଥାୟୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥାଆନ୍ତି। ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ନିଜର ମନମୁଖିସଦସ୍ୟ ମନୋନୀତ କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ବିଶେଷ ଭାବେ ସେବାୟତ ପ୍ରତିନିଧିଙ୍କୁ ଚୟନରେ ପାତରଅନ୍ତର ଅଭିଯୋଗ ହେଉଥିଲା। ଏନେଇ ମାମଲା ହାଇକୋର୍ଟ ଯିବା ପରେ ନୂଆ ସରକାର ସଜାଗ ହେବା ସହ ଶ୍ରୀମନ୍ଦିର ପ୍ରଶାସନକୁ ଚେତାଇ ଦେଇଛନ୍ତି, ଯାହା ଚର୍ଚ୍ଚାର ବିଷୟ ହୋଇଛି। ତେଣୁ ନୂଆ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଗଠନରେ ସ୍ୱଚ୍ଛତା ରଖାଯାଇ ନିୟମାବଳୀକୁ ପାଳନ କରାଯାଉ ବୋଲି ସେବାୟତ ଓ ବୁଦ୍ଧିଜୀବୀ ଦାବି କରିଆସୁଛନ୍ତି। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଶ୍ରୀମନ୍ଦିର ଆଇନ ଶ୍ରୀଜଗନ୍ନାଥ ମନ୍ଦିର ଟେମ୍ପଲ୍ ଆକ୍ଟ ୧୯୫୫ ଧାରା ୬-୧-ଜେ ଅନୁଯାୟୀ ସଦସ୍ୟ ମନୋନୟନ କରାଯିବ ବୋଲି ସୂଚନା ଦେଇ କହିଛନ୍ତି।



ଚକ୍ରବୁଲା ଏକାଦଶୀ ଅବସରରେ ବୁଧବାର ଶ୍ରୀଚକ୍ରନାରାୟଣ ଚାରି ଆଶ୍ରମ ପରିକ୍ରମା କରୁଛନ୍ତି।

# ହତ୍ୟା ମାମଲା ରୁଜୁ କଲା ଭରତପୁର ଥାନା ପୋଲିସ

**ନବଘନଙ୍କ ମୃତ୍ୟୁ ଘଟଣା**

ଭୁବନେଶ୍ୱର,୩୧।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ବରମୁଣ୍ଡାର ନବଘନ ପାଢ଼ିଶାଣୀ (୪୫) ଓରଫ ବଙ୍କାଙ୍କ ରହସ୍ୟାଜନକ ମୃତ୍ୟୁକୁ ନେଇ ଚର୍ଚ୍ଚା ଲାଗି ରହିଛି। ବୁଧବାର ପରିବାର ଲୋକ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନବଘନଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ସ୍ତ୍ରୀ ସୁଲଚନା ପାଢ଼ିଶାଣୀ ଏତଲାରେ ଉଲ୍ଲେଖ କରିଛନ୍ତି। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିଛି। ନବଘନଙ୍କ ସହ ଶତ୍ରୁତା ଥିବା ବ୍ୟକ୍ତିଙ୍କୁ ପୋଲିସ ଚିହ୍ନଟ କରି ପଚରାଉଚରା କରୁଛି। ତେବେ କିଛି ସନ୍ଦିଗ୍ଧଙ୍କୁ ପୋଲିସ ଉଠାଇ ଆଣିଥିବା ମଧ୍ୟ ସୂଚନା ମିଳିଛି। ଅଭିଯୁକ୍ତମାନଙ୍କୁ ଧରିବା ଗିରଫ କରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ସୂଚନାଯୋଗ୍ୟ, ନବଘନ ଜୁଲାଇ ୧୯ ରାତିରେ ଘରୁ ବାହାରି ଆଉ ନ ଫେରିବାରୁ ପରିବାର ଲୋକେ ଭରତପୁର ଥାନାରେ ନିଖୋଜ ଏତଲା ଦେଇଥିଲା। ଥାନା ପକ୍ଷରୁ ମ୍ୟାନ ମିସିଙ୍ଗ୍ ରିପୋର୍ଟ ପଞ୍ଜୀକୃତ କରାଯାଇ ଖୋଜାଖୋଜି ଜାରି ରହିଥିଲା। ଜୁଲାଇ ୨୦ ତାରିଖରେ କନ୍ଦଳ ନଦୀରୁ ନବଘନଙ୍କ ମୃତଦେହକୁ ଗୋବିନ୍ଦପୁର ପୋଲିସ ଜବତ କରିଥିଲା। ପରିଚୟ ନ ମିଳିବାରୁ ପୋଲିସ ୯୬ ଘଣ୍ଟା ପରେ ମୃତଦେହକୁ ପୋତି ଦେଇଥିଲା। ଉକ୍ତ ମୃତଦେହଟି ନବଘନଙ୍କର ବୋଲି ସ୍ପଷ୍ଟ ହେବା ପରେ ଗୋବିନ୍ଦପୁର ପୋଲିସ ମୃତଦେହକୁ କାଢ଼ି ମଙ୍ଗଳବାର ହସ୍ତାନ୍ତର କରିଥିଲା।

# ଶ୍ରୀମନ୍ଦିରରେ ଚକ୍ରବୁଲା ଏକାଦଶୀ ନୀତି ସମ୍ପନ୍ନ

ପୁରୀ, ୩୧।୭(ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ମାସ କୃଷ୍ଣପକ୍ଷ ଏକାଦଶୀ କାମଦା ଏକାଦଶୀ ତିଥି ବୁଧବାର ଶ୍ରୀମନ୍ଦିରରେ ଚକ୍ରବୁଲା ଏକାଦଶୀ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଆୟୁଧ ସୁବର୍ଣ୍ଣର ଶ୍ରୀସୁଦର୍ଶନ ଚକ୍ର ପରମ୍ପରା ଅନୁଯାୟୀ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ପରିକ୍ରମା କରିଥିଲେ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ଛେକ ଆସିବା ପରେ ଭଣ୍ଡାର ଘରୁ ସୁବର୍ଣ୍ଣର ଶ୍ରୀସୁଦର୍ଶନଙ୍କୁ ଭିତରକୁ ବିଜେ କରାଯାଇଥିଲା। ପରେ ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ନୀତି ଅନୁଷ୍ଠିତ ହୋଇଥିଲା। ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବା ପରେ ସୁବର୍ଣ୍ଣ ଶ୍ରୀସୁଦର୍ଶନ ଚକ୍ର ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ବିମାନକୁ ବିଜେ କରିଥିଲେ। ଉକ୍ତ ବିମାନକୁ ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗହଣରେ ବିମାନବଡୁ ସେବାୟତ ନେଇ ସିଂହଦ୍ୱାର ଦେଇ ଶ୍ରୀନଅର ନିକଟକୁ ଯାଇଥିଲେ। ସେଠାରେ ପଙ୍କ୍ତିଭୋଗ ହୋଇଥିଲା। ଶ୍ରୀସୁଦର୍ଶନ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ଯଥା- ମାର୍କଣ୍ଡେଶ୍ୱର ସାହିର ମାର୍କଣ୍ଡେୟ ଆଶ୍ରମ, ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଛକ ନିକଟରେ ଅଙ୍ଗିରା ଆଶ୍ରମ, ବାଲିସାହିସ୍ଥିତ ଭୃଗୁ ଆଶ୍ରମ ଏବଂ ହରଚଣ୍ଡୀ ସାହି ଶେଷ ଭାଗରେ ଥିବା ଶ୍ରୀଯମେଶ୍ୱର ମହାଦେବଙ୍କ ମନ୍ଦିର ନିକଟସ୍ଥ କଣ୍ଡୁ ଆଶ୍ରମକୁ ବିଜେ କରିଥିଲେ। ଆଶ୍ରମରେ ଚକ୍ରରାଜଙ୍କୁ ଶୀତଳ ଭୋଗ କରାଯିବା ସହ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ନଗର ପରିକ୍ରମା ପରେ ସୁବର୍ଣ୍ଣ ଶ୍ରୀସୁଦର୍ଶନ ଚକ୍ର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

# ବିଦ୍ୟୁତ୍ ଆଘାତରେ ବ୍ୟବସାୟୀ ମୃତ

ଗୋପ,୩୧।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ନାଗପୁର ପଞ୍ଚାୟତ ଅଧୀନ ନେତପୁର ଗ୍ରାମରେ ଜଣେ ବ୍ୟକ୍ତି ବୁଧବାର ରାତି ସମୟରେ ଘରେ ଫ୍ୟାନ ଲଗାଉଥିବାବେଳେ ବିଦ୍ୟୁତ୍ ଆଘାତ ପାଇ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଫଳ ବ୍ୟବସାୟୀ ସଞ୍ଜୟ କୁମାର ସାହୁ (୩୮)। ପ୍ରକାଶ ଯେ, ସଞ୍ଜୟ ନେତପୁର ବଜାରରେ ଗୋଟିଏ ଫଳ ଦୋକାନ କରି ପରିବାର ଭରଣପୋଷଣ କରିଥାନ୍ତି। ବୁଧବାର ରାତିରେ ସେ ଦୋକାନ ବନ୍ଦ କରି ଘରେ ପହଞ୍ଚି ଗୋଡ଼ହାତ ଧୋଇବା ପରେ ଷ୍ଟାଣ୍ଡ ଫ୍ୟାନ ଲଗାଇବାବେଳେ ବିଦ୍ୟୁତ ଆଘାତ ଲାଗିଥିଲା। ଫଳରେ ସେ ସେଠାରେ ପଡ଼ିଯାଇଥିଲେ। ପରିବାର ସଦସ୍ୟ ତାଙ୍କୁ ସଙ୍ଗେ ସଙ୍ଗେ ଗୋପ ଡାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଯୋଗେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଅସ୍ତରଙ୍ଗ,୩୧।୭(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ସରିପୁର ଗ୍ରାମ ପଞ୍ଚାୟତର ସରିପୁର ଗ୍ରାମରେ ଯୋଗେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ପୂଜକ ମଗୁଲି ଚରଣ ପଣ୍ଡା ଏଥିରେ ତତ୍ତ୍ୱାବଧାନ କରିଥିଲେ। ମୁଖ୍ୟ ପୂଜକ ଅମୂଲ୍ୟ ମିଶ୍ର ଓ ସାଥୀ ପୂଜକଙ୍କ ସହ ହୋମଯଜ୍ଞ, କ୍ରିୟା କର୍ମ, ଶଙ୍ଖ, ଘଣ୍ଟ ମାର୍ଦ୍ଦଳରେ ମନ୍ଦିର ଗମ୍ଭୀର ଗୃହରେ ଯୋଗେଶ୍ୱରଙ୍କ ଲିଙ୍ଗ ସ୍ଥାପନ କରିଥିଲେ। କର୍ତ୍ତାକର୍ତ୍ତ୍ରୀ ଭାବେ ପ୍ରିୟବନ୍ଧୁ, ମଧୁସ୍ମିତା, ମନୋଜ, ମିନିଲତା, ଦେବାନନ୍ଦ, ବିମଳି ଯୋଗଦେଇ ପୂଜା କାର୍ଯ୍ୟ କରିଥିଲେ। ପରମହଂସ ପ୍ରଜ୍ଞାନାନନ୍ଦ ଯଜ୍ଞର ପୂର୍ଣ୍ଣାହୁତି ଦେଇଥିଲେ। ପ୍ରବଚକ ପଣ୍ଡିତ କାଳନ୍ଦୀଚରଣ ଛାଟୋଇ ପ୍ରବଚନ ଦେଇଥିଲେ। ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ଅନିଲ ବିଶ୍ୱାଳ, ନିରଞ୍ଜନ ମୁରୁଣୀ, ଲିତୁନା ପାଣି, ଶିବ ପାଣି, ଜୀବନ ଜ୍ୟୋତି ବିଶ୍ୱାଳ, ବାବୁଲି ପ୍ରଧାନ, ବାଉରୀବନ୍ଧୁ ସେଠୀ, ଲକ୍ଷ୍ମୀଧର ଦାସ, ପ୍ରକାଶ ବିଶ୍ୱାଳ ଓ ସରିପୁର ଗ୍ରାମବାସୀ ସହଯୋଗ କରିଥିଲେ।

# ଗଭୀର କୂଅରୁ ଉଦ୍ଧାର ହେଲେ ବୃଦ୍ଧା

ସାକ୍ଷୀଗୋପାଳ,୩୧।୭(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର) ସତ୍ୟବାଦୀ ବ୍ଲକ ନିକଟ ଜୟପୁର ଗ୍ରାମର ସ୍ୱର୍ଗତ ଭିକାରୀ ବେହେରାଙ୍କ ସ୍ତ୍ରୀ କୁନ୍ତଳା ବେହେରା (୮୦) ମଙ୍ଗଳବାର ସକାଳେ ଅସାବଧାନତା କାରଣରୁ ତାଙ୍କ ଦୁଆର ମୁହଁରେ ଥିବା ଗଭୀର କୂଅରେ ପଡ଼ିଯାଇଥିଲେ। କୁନ୍ତଳା ପଡ଼ିଯିବା ଜାଣି ପରିବାର ଲୋକେ ଓ ଗ୍ରାମବାସୀ ସଙ୍ଗେ ସଙ୍ଗେ ସ୍ଥାନୀୟ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ଅଧିକାରୀ ମନୋଜ ପାତ୍ର ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶିଡି ଓ ରଶି ସାହାଯ୍ୟରେ ପଡ଼ିବାର ପ୍ରାୟ ୪୦ ମିନିଟ୍ ପରେ ତାଙ୍କୁ ଉକ୍ତ କୂଅ ଭିତରୁ ଉଦ୍ଧାର କରିଥିଲେ। କୂଅରେ ପାଣି କମ୍ ଥିବାରୁ ତାଙ୍କ ଗୋଡ଼ ଓ ଦେହରେ ଆଘାତ ଲାଗିଥିଲା। ଉଦ୍ଧାର କୁନ୍ତଳାଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ବଳାତ୍କାର ଘଟଣାର ତଦନ୍ତ କଲେ ଅତିରିକ୍ତ ଏସ୍‌ପି

ଯୋଗେଶ୍ୱରପୁର,୩୧।୭(ରଶ୍ମିରଞ୍ଜନ ସାହୁ) ଜଣେ ହରିଜନ ମହିଳାଙ୍କୁ ବଳାତ୍କାର ଘଟଣାର ୪୫ ଦିନ ପରେ ପୁରୀ ଜିଲା ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ରାତ୍ରିରେ ପୁରୀ ଜିଲା ଅତିରିକ୍ତ ଏସ୍‌ପି ବିଷ୍ଣୁ ପତି ନୟାହାଟ ଫାଣ୍ଡିକୁ ଆସି ଘଟଣାର ତଦନ୍ତ କରିଛନ୍ତି। ଏ ସମ୍ପର୍କରେ ମହିଳାଙ୍କ ସ୍ୱାମୀଙ୍କୁ ପଚାରିବାରେ, ସେ ଅଭିଯୁକ୍ତ ପ୍ରକାଶ ରାଉତଙ୍କଠାରୁ ୫ ହଜାର ଟଙ୍କା ନେବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା। ସେ କାହାଠାରୁ ଟଙ୍କା ଆଣି ନାହାନ୍ତି। ଅଭିଯୁକ୍ତଙ୍କୁ ଖସାଇ ଦେବାକୁ ପୋଲିସ ଏହିପରି ମିଥ୍ୟା କେଶ କରିଛି ବୋଲି ସେ ପ୍ରକାଶ କରିଛନ୍ତି। ବଳାତ୍କାର ଉଦ୍ୟମ ଘଟଣାରେ ସାକ୍ଷୀ ଥିଲେ ମଧ୍ୟ ଅତିରିକ୍ତ ଏସ୍‌ପି ତାଙ୍କୁ ଡାକି ପଚରା ଉଚରା କରି ନଥିଲେ। ଯାହା ସନ୍ଦେହ ସୃଷ୍ଟି କରୁଛି। ସତ ଘଟଣାକୁ ପୋଲିସ ଚପାଇ ଦେବାକୁ ଉଦ୍ୟମ କରୁଥିବାବେଳେ ଏ ସମ୍ପର୍କରେ ଇସାଣପୁର ପଞ୍ଚାୟତ ଭାଜପା ସଭାପତି ଲିଙ୍ଗରାଜ ସ୍ୱାଇଁଙ୍କୁ ମତାମତ ନେବାରେ, ଯେ ଟଙ୍କା ନେବା ସମ୍ପୂର୍ଣ୍ଣ ମିଥ୍ୟା କଥା। ଯଦି ଅଭିଯୁକ୍ତଙ୍କୁ ଗିରଫ କର ନ ଯାଏ, ଭାଜପା ପକ୍ଷରୁ ଫାଣ୍ଡି ଆଗରେ ଧାରଣା ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ କହିଛନ୍ତି।

# ଫୁଲୁଛି ଦେବୀନଦୀ, ପରିସ୍ଥିତି ବିଗିଡ଼ିବା ଆଶଙ୍କା

ଅସ୍ତରଙ୍ଗ,୩୧।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଚଳିତବର୍ଷର ପ୍ରଥମ ବନ୍ୟାଜଳ ଦେବୀନଦୀରେ ପ୍ରବାହିତ ହେଉଛି। ଫଳରେ ବୁଧବାର ସନ୍ଧ୍ୟାରୁ ଦେବୀନଦୀ ଫୁଲିବା ଆରମ୍ଭ କରିବା ସହ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ତେଣୁ ବନ୍ୟା ବିଭୀଷିକାର ଭୟ ନ ଥିଲେ ହେଁ ଜଳସ୍ତର ବୃଦ୍ଧି ହେଲେ ଆଗକୁ ପରିସ୍ଥିତି ବିଗିଡ଼ିବା ଆଶଙ୍କା ରହିଛି। ବିଭାଗୀୟ ଯନ୍ତ୍ରୀ ସମସ୍ତ ନଦୀବନ୍ଧର ସମ୍ଭାବ୍ୟ ଦୁର୍ବଳ ସ୍ଥାନ ବୁଲି ଦେଖିଛନ୍ତି। ବାଲିବସ୍ତା ପ୍ରସ୍ତୁତ କରି ରଖାଯାଇଛି। ଏଣେ ଜଳସ୍ତର ବୃଦ୍ଧି ପାଉଥିବା ଦେବୀନଦୀର ଦୃଶ୍ୟ ଲୋକଙ୍କ ମନରେ ଯେତିକି ଆଗ୍ରହ, ସେତିକି ଆଶଙ୍କା ସୃଷ୍ଟି କରିଛି। ବିଶେଷକରି ନଦୀକୂଳିଆ ତଥା ତଳି ଅଞ୍ଚଳର ଲୋକେ ପ୍ରମାଦ ଗଣିଲେଣି। ଚଳିତବର୍ଷର ପ୍ରଥମ ବନ୍ୟା ଦେଖିବାକୁ ବୁଧବାର ତମାମ ନୂତନ ଭାବେ ନିର୍ମିତ ତାଳଦା ବିଜୁ ସେତୁ ଉପରେ ଲୋକଙ୍କ ଭିଡ଼ ଜମିଥିଲା। ଏହାସହ ଯୁବପିଢ଼ି ସେଲ୍‌ଫି ନେବା ସହ ବନ୍ୟା ଦୃଶ୍ୟକୁ ଲକ୍ଷ୍ୟ ରଖି ନୂତନ ସେତୁ ଉପରେ ରିଲିସ କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରୁ ବନ୍ୟାଜଳରେ ନଦୀପଠା ବୁଡ଼ିଯିବା ଦେଖିବାକୁ ମିଳିଥିଲା। ତେବେ ଦେବୀନଦୀରେ ବନ୍ୟାଜଳ ପଶିବା ପରେ ସଂଲଗ୍ନ ଅଞ୍ଚଳରେ ଚାଷ ବେଶି ପ୍ରଭାବିତ ହୋଇଛି। ଲଗାଣ ବର୍ଷାରେ ଏକର ଏକର ଧାନବିଲ ବୁଡ଼ି ରହିଥିବା ଦେବୀ ଜଳ ବୁଧବାର ଅପରାହ୍ନରେ ବହୁ ପରିବା ଚାଷକୁ ବୁଡ଼ାଇଦେଇଛି। ନଈଗୁଆଁ ପଞ୍ଚାୟତ ଓ ଓସିଆଁର କିଛି ବ୍ୟକ୍ତିଙ୍କ ପରିବା ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ପରିବା ଚାଷୀ ସୁରେନ୍ଦ୍ର ଦଳେଇଙ୍କ କହିବା କଥା, ନଈପଠା ଜମିରେ ସେ ଭେଣ୍ଡି ଚାଷ କରିଥିଲେ। ଗଛରେ ଫଳ ଧରି ସାରିଥିଲା। ଏବେ ପାଣିରେ ସବୁ ବୁଡ଼ି ଯାଇଛି। ଯଦି ଜଳସ୍ତର ଦେବୀନଦୀରେ ବୃଦ୍ଧି ପାଏ, ଅସ୍ତରଙ୍ଗ ବ୍ଲକର ନଗର, ତାଳଦା, ଆଳସାହି, ଆଳଙ୍ଗପୁର, ଝାଡଲିଙ୍ଗ, ଛୁରିଅନା ଓ ଶିଶୁଅ ପଞ୍ଚାୟତର ଅନେକ ନଦୀକୂଳିଆ ଅଞ୍ଚଳ ଜଳମଗ୍ନ ହେବା ସହ କ୍ଷୟକ୍ଷତି ହୋଇପାରେ।

## ରୌପ୍ୟ ଜୟନ୍ତୀ ସମାରୋହର ପ୍ରସ୍ତୁତି ବୈଠକ

ପୁରୀ,୩୧।୭(ଅଜିତ୍ କୁମାର ମହାନ୍ତି) ଭୋଳାନାଥ ବିଦ୍ୟାପୀଠ ପରିସରରେ ସ୍କୁଲ ପୁରାତନ ଛାତ୍ର ସଂସଦ କାର୍ଯ୍ୟକାରୀ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ତ୍ରିଲୋଚନ ବରାଳ ସଭାପତିତ୍ୱ କରିଥିଲେ। ସଭାରେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ରୌପ୍ୟ ଜୟନ୍ତୀ ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟମଣି ନାୟକ, ସମ୍ପାଦକ ପୁରାତନ ଛାତ୍ର ସଂସଦର କୋଷାଧ୍ୟକ୍ଷ ସଂଗ୍ରାମ କେଶରୀ ମିଶ୍ର, ସୁରେନ୍ଦ୍ର ନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣି ଫାଟିଲାଣି ଦୟାନଦୀ ବନ୍ଧ

ଡେଲାଙ୍ଗ,୩୧।୭(ରଶ୍ମିରଞ୍ଜନ ପ୍ରଧାନ)



**■ସୁରକ୍ଷା ପାଇଁ କାଠବହ୍ଲା, ବାଲିବସ୍ତା ଦେଇଥିଲା ଜଳ ସମ୍ପଦ ବିଭାଗ**

**■ବନ୍ଧର ସୁରକ୍ଷା ନେଇ ଆତଙ୍କିତ ସ୍ଥାନୀୟ ଅଧିବାସୀ**

ଡେଲାଙ୍ଗ ବ୍ଲକ ଅଧୀନ କଲ୍ୟାଣପୁର ପଞ୍ଚାୟତ ଅନ୍ତର୍ଗତ ନୂଆହାଟ ଗ୍ରାମ ନିକଟରେ ଦୟାନଦୀ ବନ୍ଧ ପୁଣି ଦବିବାକୁ ଲାଗିଛି। ବନ୍ଧର ଏହି ଅବସ୍ଥା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ହୀରାକୁଦରୁ ବନ୍ୟାଜଳ ଛଡ଼ାଯିବା ପରେ ବିଭିନ୍ନ ଶାଖାନଦୀ ସହ ଦୟାନଦୀ ମଧ୍ୟ ଧୀରେଧୀରେ ଫୁଲିବାକୁ ଲାଗିଛି। ବୁଧବାର ରାତିରେ ମୁଣ୍ଡଳିଠାରେ ୨୦ଟି ଗେଟ୍ ଦେଇ ବନ୍ୟାଜଳ ପ୍ରବାହିତ ହେଉଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଏବେ ଚିନ୍ତାରେ ଅଛନ୍ତି। ସୂଚନାଥାଉ କି, ଗତ ୧୧ ତାରିଖରେ କଲ୍ୟାଣପୁର ପଞ୍ଚାୟତର ନୂଆହାଟ ସନ୍ନିକଟ ଦୟାନଦୀର ପୂର୍ବପାର୍ଶ୍ୱ ବନ୍ଧରୁ ମାଟି ଅତଡ଼ା ଧସି ବନ୍ଧ ଭୁଶୁଡ଼ିବାରୁ ନଦୀବନ୍ଧ ଭାଙ୍ଗିବା ଆଶଙ୍କା ଦେଖାଦେଇଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜଳ ସମ୍ପଦ ବିଭାଗ ପକ୍ଷରୁ କାଠବହ୍ଲା, ବାଲିବସ୍ତା ଦେଇ ବନ୍ଧକୁ ସୁରକ୍ଷା ଦିଆଯାଇଥିଲା। ହେଲେ କାମ ହେବାର ୪ ଦିନ ମଧ୍ୟରେ ବନ୍ଧ ପୁନର୍ବାର ଭୁଶୁଡ଼ିବା ପରେ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ୍ୟା ଆସିବା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ। ପରେ କାଠବହ୍ଲା ଓ ବାଲିବସ୍ତା ଦେଇ ୩ ଥାକିଆ କରି ରିପେୟାରିଂ କରିବା ପରେ ମଧ୍ୟ ପୁନର୍ବାର ଭୁଶୁଡ଼ିବା ନେଇ ବିଭାଗୀୟ ଅଧିକାରୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଏହାର ମରାମତି ପାଇଁ ୧୫ ହଜାରରୁ ଊର୍ଦ୍ଧ୍ୱ ବାଲିବସ୍ତା ବ୍ୟବହାର ହୋଇଥିବାବେଳେ ୪୦ରୁ ଅଧିକ ଶ୍ରମିକ ନିୟୋଜିତ ଥିଲେ। ଏହି ସ୍ଥାନଟି ଏକ ଢାଲୁ ଅଞ୍ଚଳ। ବନ୍ୟାଜଳ ପ୍ରବାହିତ ସମୟରେ ନଦୀପାଣିର ସ୍ରୋତ ଏହି ସ୍ଥାନରେ ମାଡ଼ ହୋଇ ଗତି ପରିବର୍ତ୍ତନ କରିଥାଏ। ଯଦି ଠିକ୍ ଓ ସୁଚାରୁରୂପେ ଏହାକୁ ମରାମତି କରାଯାଇଥାନ୍ତା, ତେବେ ଆଜି ଏପରି ଅସୁବିଧା ହୋଇ ନ ଥାନ୍ତା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବନ୍ଧର ଏପରି ସ୍ଥିତି ସ୍ଥାନୀୟ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିଛି। ଏହି ଅଞ୍ଚଳରେ ବନ୍ୟା ପରିସ୍ଥିତି ଦେଖାଦେଲେ କେବଳ ଡେଲାଙ୍ଗ ବ୍ଲକ ନୁହେଁ, କଣାସ ଓ ସତ୍ୟବାଦୀ ବ୍ଲକରେ ମଧ୍ୟ ଏହାର ପ୍ରଭାବ ଦେଖାଦେବ।

# ଚଟାଣରେ ଗଡ଼ିଲେ ଭିନ୍ନକ୍ଷମ, ପିଇବାକୁ ମିଳିଲାନି ପାଣି

ଗୋପ,୩୧।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ପରିସରରେ ବୁଧବାର ଆୟୋଜିତ ଏକ ଭିନ୍ନକ୍ଷମ ଶିବିରରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଅନେକ ଭିନ୍ନକ୍ଷମ ମିଶନ ଶକ୍ତି ବାରଣ୍ଡା ଚଟାଣରେ ଗଡୁଥିବାବେଳେ ସେମାନଙ୍କ ଲାଗି ପିଇବାକୁ ଟୋପାଏ ପାଣିର ବ୍ୟବସ୍ଥା ମଧ୍ୟ କରାଯାଇ ନ ଥିଲା। କେବଳ ଭିନ୍ନକ୍ଷମମାନେ କିଛି ଭିନ୍ନକ୍ଷମ ଉପକରଣ ପାଇବାକୁ ଆସି ନିଜର ନାମ ପଞ୍ଜୀକରଣ କରୁଥିଲେ। କିନ୍ତୁ ଆରମ୍ଭରୁ ଏପରି ଅବ୍ୟବସ୍ଥା ଲାଗି ରହିଥିବାରୁ ଭିନ୍ନକ୍ଷମଙ୍କୁ ନେଇ ଆସିଥିବା ଲୋକେ ହୋହାଲ୍ଲା କରିବାରେ ବ୍ଲକରେ ଉତ୍ତେଜନା ଦେଖାଦେଇଥିଲା। ଭିନ୍ନକ୍ଷମମାନେ ଅସହାୟ ଅବସ୍ଥାରେ ତଳେ ଗଡୁଥିବାବେଳେ ଭୁବନେଶ୍ୱର ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ସଙ୍ଗଠନର ଅଧିକାରୀ ଏହି କାର୍ଯ୍ୟକ୍ରମ କରୁଥିବାବେଳେ ସେ ଚଉକିରେ ବସିଥିବା ନେଇ ଅସନ୍ତୋଷ ଦେଖାଦେଇଥିଲା। ଏପରିକି କେତେଜଣ ଭିନ୍ନକ୍ଷମ ମଧ୍ୟ କାନ୍ଦୁଥିବା ଦେଖିବାକୁ



ଶିବିରରେ ଜଣେ ଭିନ୍ନକ୍ଷମ ଚଟାଣରେ ଶୋଇଛନ୍ତି।

ମିଳିଥିଲା। ଏ ସମ୍ପର୍କରେ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକଙ୍କଠାରୁ ଆରମ୍ଭ କରି ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମମତା କୁମାରୀ ଜେନା ସ୍ପଷ୍ଟ ଭାବରେ ମନା କରିଥିବାବେଳେ ଗୋଟିଏ ସ୍ୱେଚ୍ଛାସେବୀ ସଂଗଠନକୁ ବ୍ଲକ ଭିତରେ ଏପରି ଏକ କାର୍ଯ୍ୟକ୍ରମ କରିବାକୁ କିଏ ନିର୍ଦ୍ଦେଶ ଦେଇଥିଲା, ତାହା ଏବେ ସମସ୍ତଙ୍କୁ ଚକିତ କରିଛି। ଏପରି ଅବ୍ୟବସ୍ଥା ବାବଦରେ ଖବର ପାଇ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ ମହିଳା ମହାସଂଘର ମହିଳା ଶକ୍ତି ସଂଗଠନଠାରେ ପହଞ୍ଚି ପିଇବା ପାଣିର ବ୍ୟବସ୍ଥା କରିଥିଲେ। ଭିନ୍ନକ୍ଷମମାନେ ଦୀର୍ଘ ୨୦/୨୫ କିଲୋମିଟର ଦୂରରୁ ଟଙ୍କା ଖର୍ଚ୍ଚ କରି ଆସିଥିଲେ ମଧ୍ୟ ନିରାଶରେ ଫେରିଥିବା ଭଳି ଅଭିଯୋଗ ହୋଇଥିଲା। କିଏ ବ୍ଲକରେ ଏକ ବେସରକାରୀ ସଂଗଠନକୁ ଭିନ୍ନକ୍ଷମ ଶିବିର କରିବାକୁ ଅନୁମତି ଦେଲା, ଯେଉଁଠି ରାଜ୍ୟ ସରକାର ଭିନ୍ନକ୍ଷମଙ୍କ ଲାଗି ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଓ ସେମାନଙ୍କୁ ଠିକ୍ ଭାବରେ ବ୍ୟବହାର ଦେଖାଇବାକୁ ନିର୍ଦ୍ଦେଶ ଦେଉଛନ୍ତି, ସେଠି କାହିଁକି ଅଣଦେଖା କରାଗଲା ତାହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି। ସମ୍ପୃକ୍ତ ସଂଗଠନ ଭିନ୍ନକ୍ଷମଙ୍କ ନାମରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରୁଥିବା ଭଳି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ଛବିରାଣୀ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମମତା କୁମାରୀ ଜେନାଙ୍କ ମତାମତ ଲାଗି ଫୋନ ଲଗାଯାଇଥିବାବେଳେ ଅଧିକାରିଣୀମାନେ ଫୋନ ଉଠାଇ ନ ଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏ ସମ୍ପର୍କରେ ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

# ଶିଶୁ ଦୃଷ୍ଟିହୀନତା ବୃଦ୍ଧିପାଉଛି

**ଭୁବନେଶ୍ୱର, ୩୧।୭(ଅସମାପିକା ସାହୁ)**



କାର୍ଯ୍ୟକ୍ରମରେ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ବିଶ୍ୱମ୍ଭର ରାଜଗୁରୁଙ୍କୁ ସମ୍ମାନିତ କରାଯାଉଛି।

## ଉଦ୍‌ବେଗ ପ୍ରକାଶ କଲେ ବିଶେଷଜ୍ଞ

- ଗ୍ଲୁକୋମା ସମ୍ପର୍କରେ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ
- ପ୍ରଫେସର ବିଶ୍ୱମ୍ଭର ରାଜଗୁରୁଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

ଦିନକୁ ଦିନ ଶିଶୁ ଦୃଷ୍ଟିହୀନତା ବୃଦ୍ଧି ପାଇବାରେ ଲାଗିଛି। ଚିକିତ୍ସା ବିଜ୍ଞାନରେ ଅଗ୍ରଗତି କାରଣରୁ ଶିଶୁ ମୃତ୍ୟୁହାର ହ୍ରାସ ଘଟିଛି, କିନ୍ତୁ ଶିଶୁଙ୍କ ନିକଟରେ ଅପରିପକ୍ୱତା, ହାଇପୋକ୍ସିଆ ଏବଂ ପୁଷ୍ଟିହୀନତା ଭଳି ବିଭିନ୍ନ କାରଣଗୁଡ଼ିକ ବୃଦ୍ଧି ପାଇବାରେ ଲାଗିଛି। ଏପରି ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ଗ୍ରାମୀଣ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଅତ୍ୟାଧୁନିକ ଅକୁଲୋପ୍ଲାଷ୍ଟି ସେବା ବୃଦ୍ଧି କରିବା ଏବଂ ଚକ୍ଷୁ ସମସ୍ୟାର ସମାଧାନ ତଥା ଦୃଷ୍ଟିହୀନତା ଭାର କମାଇବା ପାଇଁ ଅଧିକ ଚକ୍ଷୁ ବିଶେଷଜ୍ଞଙ୍କୁ ତାଲିମ ଦେବା ଉପରେ ବରିଷ୍ଠ ଚକ୍ଷୁ ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଛନ୍ତି। ଏମ୍ସ ଭୁବନେଶ୍ୱରରେ ବୁଧବାର ଆୟୋଜିତ ଓଡ଼ିଶା ରାଜ୍ୟ ଚକ୍ଷୁ ଚିକିତ୍ସା ସୋସାଇଟିର ମଧ୍ୟବର୍ତ୍ତିକାଳୀନ ବାର୍ଷିକ ସମ୍ମିଳନୀରେ ଏହି ମତ ପ୍ରକାଶ ପାଇଛି।

ଏହି ଦିନିକିଆ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜଗୁଡ଼ିକର ସ୍ନାତକୋତ୍ତର ଡାକ୍ତରଙ୍କ ସମେତ ୨୩୦ ଚକ୍ଷୁ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଗ୍ଲୁକୋମା ସମ୍ପର୍କରେ ବ୍ୟାପକ ସଚେତନତାର ଜରୁରୀ ଆବଶ୍ୟକତାକୁ ନେଇ ସମସ୍ତେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସମୟରେ ପ୍ରତି ୪ ଜଣରେ ଜଣଙ୍କୁ ଏହି କାରଣରୁ ହସ୍ପିଟାଲ ଆସୁଥିବା ଦେଖାଯାଉଛି। ଏହି କାର୍ଯ୍ୟକ୍ରମରେ ଏମ୍ସ ନୂଆଦିଲ୍ଲୀର ପ୍ରଫେସର ଜୀବନ ଏସ୍ ଟିଟିୟାଲ, ସର୍ବଭାରତୀୟ ଚକ୍ଷୁ ଚିକିତ୍ସା ସମିତିର ପୂର୍ବତନ ସଭାପତି ଡା. ଅଜିତ ବାବୁ ମଜ୍ଜୀ ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

ଗୁରୁପୂର୍ଣ୍ଣିମା ଭଳି ପବିତ୍ର ଦିନକୁ ଦୃଷ୍ଟିରେ ରଖି ୯୭ ବର୍ଷ ବୟସ୍କ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ତଥା ଶିକ୍ଷକ ପ୍ରଫେସର ବିଶ୍ୱମ୍ଭର ରାଜଗୁରୁଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ଦ୍ୱିତୀୟ ଚକ୍ଷୁ ଚିକିତ୍ସକ ପ୍ରଫେସର ରାଜଗୁରୁଙ୍କୁ ଚକ୍ଷୁ ବିଜ୍ଞାନ ଏବଂ ସମାଜର ବିକାଶରେ ଆଜୀବନ ଉତ୍ସର୍ଗୀକୃତ ହୋଇଥିବାରୁ ସମ୍ମାନିତ କରାଯାଇଥିଲା। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏହି କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଏହି ଜାତୀୟ ଅନୁଷ୍ଠାନର ଡା. ଏନ୍. ଦୀପ ବାଗ, ଡିନ୍ ଡା. ପି. ଆର୍. ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଚକ୍ଷୁ ଶରୀରର ଝରକା ହୋଇଥିବାବେଳେ ଏହାର ଯତ୍ନ ଉପରେ ଗୁରୁତ୍ୱ ଦେଇଥିଲେ ଦୁଇ ବିଶେଷଜ୍ଞ। ସଙ୍ଗଠନ ସମ୍ପାଦକ ତଥା ଏମ୍ସ ଭୁବନେଶ୍ୱର ଚକ୍ଷୁବିଭାଗ ମୁଖ୍ୟ ଡ. ସୁଚେତା ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅନିମେଶ


@ ଅବିନାଶ


@ ରାକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ନନ୍ଦନକାନନକୁ ଆସିଲା ଉଦ୍ଧାର ହାତୀ ଛୁଆ

**ବାରଙ୍ଗ, ୩୧।୭(ଲିଙ୍ଗରାଜ ରାଉତ)**

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ବୁଧବାର ରାତିରେ ଆଠଗଡ଼ ରେଞ୍ଜ ଡିଗିରିଆ ଅଞ୍ଚଳରୁ ଏକ ମାଈ ହାତୀ ଛୁଆ ଉଦ୍ଧାର ହୋଇ ଆସିଛି। ଏହି ହାତୀ ଛୁଆଟି ହାତୀପଲଠାରୁ ଅଲଗା ହୋଇଯାଇଥିବାବେଳେ ବନବିଭାଗ କର୍ମଚାରୀ ତାକୁ ତା' ମା'ପାଖକୁ ପଠେଇବାକୁ ଉଦ୍ୟମ କରିଥିଲେ। ୨ ଦିନ କାଳ ହାତୀ ଛୁଆଟି ବନବିଭାଗ କର୍ମଚାରୀଙ୍କ ନଜରବନ୍ଦୀରେ ସେହି ଜାଗାରେ ବୁଲୁଥିଲେ ସୁଦ୍ଧା ମା' ଆସି ନ ଥିଲା କି ଛୁଆକୁ ଗ୍ରହଣ କରି ନ ଥିଲା। ଶେଷରେ ଛୁଆର ସୁରକ୍ଷା ଦୃଷ୍ଟିରୁ ସେଠାକାର ବନ କର୍ମଚାରୀ ଆଣି ନନ୍ଦନକାନନରେ ଛାଡ଼ିଛନ୍ତି। ନନ୍ଦନକାନନରେ ଛୁଆଟି ପହଞ୍ଚିବା ପରେ ତାକୁ ଡାକ୍ତରଖାନାରେ ରଖାଯାଇ ପ୍ରାଥମିକ ଚିକିତ୍ସା ଆରମ୍ଭ କରାଯାଇଛି। ହାତୀ ଛୁଆଟି ଅସୁସ୍ଥ ଥିବା ଜଣାପଡ଼ିଛି। ଏହି ଛୁଆକୁ ଛିଡ଼ା କଲେ ଛିଡ଼ା ହେଉଥିବାବେଳେ ଶୋଇଲେ ଆଉ ଉଠିପାରୁ ନ ଥିବା ସୂଚନା ମିଳିଛି। ଚିକିତ୍ସକ ଏହି ହାତୀ ଛୁଆକୁ ନଜରବନ୍ଦୀରେ ରଖି ଚିକିତ୍ସା କରୁଛନ୍ତି। ହାତୀ ଛୁଆ ଏଠାକୁ ଆସିବା ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ୬କୁ ବୃଦ୍ଧି ପାଇଛି।

### କଟକ ଜିଲ୍ଲାରୁ ୪ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

**କଟକ, ୩୧।୭(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଜିଲ୍ଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବୁଧବାର ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କଟକ ଜିଲ୍ଲା ବେଣ୍ଟକାର, ନିଆଳି, ରାଣୀହାଟ ଓ କାଜିବଜାର ଅଞ୍ଚଳର ଜଣେ ଲେଖାଏ ଆକ୍ରାନ୍ତ ରହିଥିବା ଜଣାପଡିଛି। କଟକ ଜିଲ୍ଲାରେ ମୋଟ୍ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୫୬ ରହିଛି। ସେଥିମଧ୍ୟରୁ କଟକ ସହରରୁ ୪୪ ଓ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୧୨ ଜଣ ଅଛନ୍ତି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା କହିଛନ୍ତି, ଚିହ୍ନଟ ୪ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।





ସଂଯୁକ୍ତା ପାଣିଗ୍ରାହୀ ଉତ୍କର୍ଷ ସମ୍ମାନ -୨୦୨୩ରେ ସିମ୍ରନ ଜମାନ, ଶୁଚିସ୍ମିତା ସାହୁ ଏବଂ ଦେବଯାନୀ ଦାସଙ୍କୁ ସମ୍ମାନିତ କରାଯାଉଛି। (ଫଟୋ-ବିକାଶ ନାୟକ)

# ସିମ୍ରନ, ଶୁଚିସ୍ମିତା, ଦେବଯାନୀଙ୍କୁ ସଂଯୁକ୍ତା ପାଣିଗ୍ରାହୀ ଉତ୍କର୍ଷ ସମ୍ମାନ

## ମନ ଛୁଇଁଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୩୧।୭ (ଶର୍ମିଷ୍ଠା ପାଣିଗ୍ରାହୀ)**

ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ସଂଯୁକ୍ତା ପାଣିଗ୍ରାହୀ ଉତ୍କର୍ଷ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଆୟୋଜିତ ହୋଇଥିବା ଏହି ଉତ୍ସବର ବୁଧବାର ଥିଲା ଉଦ୍‌ଯାପନୀ ସନ୍ଧ୍ୟା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ତେଜ ପ୍ରତାପ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୃତ୍ୟଗୁରୁ ତଥା ଗବେଷଣା କେନ୍ଦ୍ରର କାର୍ଯ୍ୟନିର୍ବାହୀ ଅଧିକାରୀ ସିକତା ଦାସ, ଗଜଲ କଣ୍ଠଶିଳ୍ପୀ ପାର୍ଥସାରଥୀ ପାଣିଗ୍ରାହୀ, ଜୁରି ସଦସ୍ୟା ମାଧବୀ ମୁଦ୍‌ଗଲ, ଗୁରୁ ଡ. ମହୁଆ ମୁଖାର୍ଜୀ ଏବଂ ଗୁରୁ ତଥା ଆବାହକ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସଞ୍ଜୁକ୍ତା ପାଣିଗ୍ରାହୀ ଉତ୍କର୍ଷ ସମ୍ମାନ -୨୦୨୩ରେ ସିମ୍ରନ ଜମାନ, ଶୁଚିସ୍ମିତା ସାହୁ ଏବଂ ଦେବଯାନୀ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ସିମ୍ରନଙ୍କୁ ୫୦ ହଜାର, ଶୁଚିସ୍ମିତାଙ୍କୁ ୩୦ହଜାର ଏବଂ ଦେବଯାନୀଙ୍କୁ ୨୦ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା।

୧୬ରୁ ୩୦ବର୍ଷ ବୟସ ମଧ୍ୟରେ ଭାରତର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ କୃତୀ ୩ଜଣଙ୍କୁ ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ମାନିତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ପ୍ରୋନେମା ବାଗ୍‌ଚୀ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। କଣ୍ଠଶିଳ୍ପୀ ରୂପକ ପରିଡ଼ା ମଙ୍ଗଳାଚରଣ ପରିବେଷଣ କରିଥିଲେ। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁ ଡ. ରତିକାନ୍ତ ମହାପାତ୍ରଙ୍କ ପରିବେଷଣରୁ ଆରମ୍ଭ ହୋଇଥିଲା। ତାଙ୍କ ପ୍ରଦର୍ଶନରେ ଶ୍ଳୋକ ନୀଳାଦ୍ରୌ ଶଙ୍ଖ-ମଧ୍ୟେ, ଶତ-ଦଳ-କମଳେ ରତ୍ନସିହାଂସନସ୍ଥମ୍ ଦେଖିବାକୁ ମିଳିଥିଲା। ପରେ ଦେବଯାନୀଙ୍କ ଅଷ୍ଟଶମ୍ଭୁ, ଶୁଚିସ୍ମିତାଙ୍କ ଓଡ଼ିଆ ଅଭିନୟ 'ବାଜୁଛି ସାହି ବାଜା'ରେ ପରିବେଷଣ ହୋଇଥିଲା। ପରବର୍ତ୍ତୀ ପ୍ରଦର୍ଶନରେ ସିମ୍ରନଙ୍କ ଓଡ଼ିଆ ଅଭିନୟ 'ସତେ କି ଭଙ୍ଗୀ...'ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଅନ୍ତିମ ପ୍ରଦର୍ଶନରେ ସନ୍ଥ କବିଙ୍କ ଦୋହା ଓ ଗୁରୁବାଣୀକୁ ନେଇ ବିଶ୍ୱାସ ନାମକ ଏକ ଇଣ୍ଟରପ୍ଲେ ପରିବେଷଣ ହୋଇଥିଲା, ଯେଉଁଠାରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ କଥୋପକଥନ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ସୃଜନର ଐଶ୍ୱର୍ଯ୍ୟା ସିଂହଦେବ, ପ୍ରତିଶା ମହାପାତ୍ର, ଜି.ସଞ୍ଜୟ, ଆଲିଶା ଧଳ, ଡାଏନା ଘୋଷ ପ୍ରମୁଖଙ୍କ ସମେତ ଲାଇଟ୍ ଡିଜାଇନିଂରେ ଦେବୀପ୍ରସାଦ ମିଶ୍ର ସହଯୋଗ କରିଥିଲେ। ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଧ୍ୟାପକ ଅରୂପା ଗାୟତ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ଶ୍ରମ କୋଡ୍, ଫୌଜଦାରି ଆଇନ ପ୍ରତ୍ୟାହାର ଦାବି

**ଭୁବନେଶ୍ୱର, ୩୧।୭(ଅନୁରାଧା ମହାରଣା)**

ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟି ବୈଠକ ବୁଧବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ପହିଲାରୁ ଦେଶବ୍ୟାପୀ ଲାଗୁ କରାଯାଇଥିବା ଶ୍ରମ କୋଡ୍ ଓ ୩ଟି ନୂଆ ଫୌଜଦାରି ଆଇନକୁ ପ୍ରତ୍ୟାହାର କରିବା ପାଇଁ ବୈଠକରେ ଦାବି ଉଠିଛି। ସେହିଭଳି ଓଡ଼ିଶାର କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଚଳାବସ୍ଥା ଯୋଗୁ ପଞ୍ଜୀକୃତ ନିର୍ମାଣ ଶ୍ରମିକମାନେ ଦୁର୍ଘଟଣା ସହାୟତା, ମୃତ୍ୟୁକାଳୀନ ସହାୟତା, ନିର୍ମାଣ ଶ୍ରମିକ ପରିବାର ଛାତ୍ରବୃତ୍ତି, ମାତୃତ୍ୱକାଳୀନ ସହାୟତା, ଗୃହ ନିର୍ମାଣ ସହାୟତା ପ୍ରଦାନ ପାଇଁ କମିଟି ସଦସ୍ୟ ସ୍ୱର ଉଠାଇଛନ୍ତି। ଶ୍ରମିକ ପଞ୍ଜୀକରଣ ଓ ନବୀକରଣରେ ଥିବା ସମସ୍ୟାର ତୁରନ୍ତ ସମାଧାନ ବିଷୟରେ ଆଲୋଚନା ସହ ସରକାର କଲ୍ୟାଣ ବୋର୍ଡକୁ କାର୍ଯ୍ୟକ୍ଷମ ନ କଲେ କମିଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି କୁହାଯାଇଛି। ଉତ୍କଳ ଲେବର ୟୁନିୟନର ସାଧାରଣ ସମ୍ପାଦକ ମହାବୀର ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଶ୍ରମିକ ୟୁନିୟନ ସମନ୍ୱୟ କମିଟି ଆବାହକ ତଥା ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଉଦ୍‌ବୋଧନ ଦେଇଥିଲେ। ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର ଆଣ୍ଡ ବିଲ୍‌ଡିଙ୍ଗ କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନ, ଓଡ଼ିଶା ନିର୍ମାଣ ମଜଦୁର ସଭା, ଓସ୍ୱା, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ମଜଦୁର ସଂଘର ଚପଳା ନାଏକ, ଓଡିଶା ମିଳିତ ନିର୍ମାଣ ଶ୍ରମିକ ସଙ୍ଗଠନର ରାଜକିଶୋର ମଲ୍ଲିକ, ଓଡ଼ିଶା ଇନ୍‌ଫ୍ରାଷ୍ଟ୍ରକ୍ଚର କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନ, ନିର୍ମାଣ ଶ୍ରମିକ ସଂଘ ସହ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ସଙ୍ଗଠନର ନେତୃତ୍ୱ ବୈଠକରେ ଉପସ୍ଥିତ ଥିଲେ।

# ନିୟମ ଉଲ୍ଲଂଘନ କରି ରଥରେ ଚଢ଼ିଥିବା ବ୍ୟକ୍ତିଙ୍କୁ ଥାନା ପକ୍ଷରୁ ନୋଟିସ

**ପୁରୀ, ୩୧।୭(ଅଜିତ୍ କୁମାର ମହାନ୍ତି)**

ଚଳିତବର୍ଷ ରଥଯାତ୍ରାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ବ୍ୟବସ୍ଥାକୁ ଉଲ୍ଲଂଘନ କରି ଯେଉଁମାନେ ରଥ ଉପରେ ଚଢ଼ିଥିଲେ ସେମାନଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନର ଅଭିଯୋଗକୁ ଭିତ୍ତି କରି ନିୟମ ଉଲ୍ଲଂଘନ କରିଥିବା ବ୍ୟକ୍ତିମାନଙ୍କ ନିକଟରୁ ଏବେ ଥାନାପକ୍ଷରୁ ନୋଟିସ ଦିଆଯାଇଛି। ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ନିୟମ ଉଲ୍ଲଂଘନ କରି ରଥ ଉପରେ ଚଢ଼ିବା ଅଭିଯୋଗରେ ସିଂହଦ୍ୱାର ଥାନାରେ ୨ଜଣ ଏବଂ ବାହୁଡ଼ା ଯାତ୍ରା ଦିନ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନାରେ ଜଣଙ୍କ ବିରୋଧରେ ଏତଲା ଦିଆଯିବାପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅଭିଯୁକ୍ତଙ୍କୁ ହାଜର ହେବାକୁ ଉଭୟ ଥାନା ପକ୍ଷରୁ ନୋଟିସ ପଠାଯାଇଛି। ଚିହ୍ନଟ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅନ୍ତର୍ଗତ ବଣିଆପଡ଼ାର ରାଜେଶ କୁମାର ସାହୁ, କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ କୁସୁମପୁର ଗ୍ରାମର ପ୍ରସନ୍ନ କୁମାର ବେଉରା ଏବଂ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଥାନା ପ୍ରେମନଗରର ଗୋପାଳ କୃଷ୍ଣ ପୋଲାକି। ପ୍ରଥମ ଦୁଇଜଣଙ୍କ ବିରୋଧରେ ସିଂହଦ୍ୱାର ଥାନା ଏବଂ ଗୋପାଳଙ୍କ ବିରୋଧରେ କୁମ୍ଭାରପଡ଼ା ଥାନାରେ ମାମଲା ହୋଇଛି। ସିଂହଦ୍ୱାର ଥାନା କେସ୍ ନଂ.୬୩/୨୪ ଏବଂ କୁମ୍ଭାରପଡ଼ା ଥାନା କେସ୍ ନଂ. ୨୩୫/୨୪ରେ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ୩ ଜଣଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ଲାଗି ପୋଲିସ ପକ୍ଷରୁ ନୋଟିସ କରାଯାଇଛି।

# ବେଳାଭୂମିରୁ ବେଆଇନ ନିର୍ମାଣ ଉଚ୍ଛେଦ

## ସ୍ଥିତିବାନ ଜମିପଟ୍ଟାକୁ ବାତିଲ କରାଯିବ: ଜିଲ୍ଲାପାଳ

**ପୁରୀ, ୩୧।୭(ଅଜିତ୍ କୁମାର ମହାନ୍ତି)**



ପୁରୀ ବେଳାଭୂମିରେ ବେଆଇନ ପ୍ଲଟିଂ ଓ ଗୃହ ନିର୍ମାଣ ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ସାଧାରଣରେ ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ତଦନ୍ତ ଆରମ୍ଭ କରିଥିଲା। ବୁଧବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ବେଆଇନ ପ୍ଲଟିଂ ଓ ନିର୍ମାଣାଧୀନ ଗୃହକୁ ଉଚ୍ଛେଦ କରାଯାଇଛି। ବ୍ରହ୍ମଗିରି ତହସିଲ ଅଧୀନ ସିପସରୁବାଲି ମୌଜାର ଷ୍ଟର୍ଲିନ୍ ଛକ ନିକଟ ବେଳାଭୂମିରେ ହୋଇଥିବା ବେଆଇନ ପ୍ଲଟିଂ ଓ ଘର ଉପରେ ବୁଲଡୋଜର ଚଢ଼ାଇ ପ୍ରଶାସନ ହଟାଇ ଦେଇଛି। ବ୍ରହ୍ମଗିରି ତହସିଲଦାର, ପିକେଡିଏ କର୍ତ୍ତୃପକ୍ଷ, ଜଙ୍ଗଲ ବିଭାଗ, ପୌରପାଳିକା ଏବଂ ପୋଲିସ ଉପସ୍ଥିତିରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଏ ନେଇ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ବିଗତ ଦିନରେ ୨-୩ଟି ମାମଲା ଦୃଷ୍ଟିକୁ ଆସିଥିଲା ଯେ, ବେଆଇନ ଭାବେ ବେଳାଭୂମିରେ ନିର୍ମାଣ ଚାଲିଛି ଓ କିଛି ଖୁଣ୍ଟ ପୋତାଯାଇ ପ୍ଲଟିଂ କରାଯାଇଛି। ତେଣୁ ଏଠାରେ ପ୍ଲଟିଂ କରି ବିକ୍ରି କରିବା ହେଉ ଅବା ଗୃହ ନିର୍ମାଣ ଏହା ସିଆର୍‌ଜେଡ୍ ନିୟମର ଖୋଲା ଉଲ୍ଲଂଘନ। ବିଭିନ୍ନ ବିଭାଗ ପକ୍ଷରୁ ଏ ନେଇ ତଦାରଖ କରାଯାଇଥିଲା। କେଉଁ ଆଧାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମକୁ ସରକାରୀ ଜମିକୁ ସ୍ଥିତିବାନ ଜମିରେ ପରିବର୍ତ୍ତନ କରାଯାଇଛି ସେ ନେଇ ତଦନ୍ତ କରିବାକୁ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ସ୍ଥିତିବାନ ହୋଇଥିବା ଜମିକୁ ବାତିଲ କରିବା ନିମନ୍ତେ ଆବେଦନ କରାଯିବ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ସିଆର୍‌ଜେଡ୍ କର୍ତ୍ତୃପକ୍ଷଙ୍କ ଅନୁମତି ପାଇ ବେଳାଭୂମିରେ ଗୃହ ନିର୍ମାଣ କରୁଥିବା ବ୍ୟକ୍ତିଙ୍କ ବିଷୟରେ ପ୍ରଶାସନ ସିଆର୍‌ଜେଡ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପରେ ନିର୍ମାଣ ପାଇଁ ଥିବା ସମସ୍ତ ଅନୁମତିକୁ ପ୍ରତ୍ୟାହାର କରିନେଇଛନ୍ତି। ତେଣୁ ବେଳାଭୂମିରେ ବେଆଇନ୍ ପ୍ଲଟିଂ ଓ ଗୃହ ନିର୍ମାଣକୁ ଉଚ୍ଛେଦ କରାଯାଇଛି। ବେଳାଭୂମିରେ ଉକ୍ତ ବ୍ୟକ୍ତି କିଭଳି ସ୍ଥିତିବାନ ଜାଗା ପାଇଲେ ସେ ନେଇ ମଧ୍ୟ ତଦନ୍ତ କରାଯାଉଛି। ଏନେଇ ରାଜସ୍ୱ ବିଭାଗକୁ ଅବଗତ କରାଯାଇ ଏହି ସ୍ଥିତିବାନ ଜମିପଟ୍ଟାକୁ ବାତିଲ୍ କରାଯିବା ପାଇଁ ଆଗାମୀ ଦିନରେ ପଦକ୍ଷେପ ନିଆଯିବ। ପୁରୀ ବେଳାଭୂମିରେ ବେଆଇନ୍ ନିର୍ମାଣ ଯେଭଳି ନ ହୁଏ ତା' ଉପରେ ଜିଲ୍ଲା ପ୍ରଶାସନ ନଜର ରଖିଛି। ପୁରୀ ପୌରପାଳିକା, ଜଙ୍ଗଲ ବିଭାଗ, ପିକେଡିଏ, ତହସିଲ ଏବଂ ପୋଲିସ ପ୍ରଶାସନକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ର ମୂଳ ଲକ୍ଷ୍ୟ ହେଉଛି ବେଳାଭୂମିରେ ଜବରଦଖଲ ହୋଇଥିବା ସରକାରୀ ଜମିକୁ ଉଦ୍ଧାର କରିବା। ସପ୍ତାହକୁ ଗୋଟିଏ ଦିନ ଟିମ୍ ବେଳାଭୂମି ପରିଦର୍ଶନ କରିବ। ସେହିପରି ଅନ୍ୟ ଅଞ୍ଚଳରେ ବେଆଇନ୍ ଭାବେ କୋଠା ନିର୍ମାଣ ଉପରେ ନଜର ରଖିବା ନିମନ୍ତେ ପିକେଡିଏ ଏବଂ ପୁରୀ ପୌରସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦିଆଯାଉଛି। ଖୁବ୍‌ଶୀଘ୍ର ଏନେଇ ପଦକ୍ଷେପ ଗ୍ରହଣ କରାଯିବ। ତେବେ ଏଥିପାଇଁ ଅନେକ ସଂଖ୍ୟକ ମାନବସମ୍ବଳର ଆବଶ୍ୟକ ଥିବାବେଳେ ଏ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇ ପୁରୀ ସହରରେ ଜବରଦଖଲରେ ଥିବା ସରକାରୀ ଜମିକୁ ଉଦ୍ଧାର କରାଯିବ। ବେଆଇନ ଜମିରେ ନିର୍ମାଣ ଉପରେ ତଥ୍ୟ ପ୍ରଦାନ କରିବାକୁ ତହସିଲଦାରଙ୍କୁ କୁହାଯାଇଛି। ଅପରପକ୍ଷରେ ପ୍ରଶାସନ ପକ୍ଷରୁ ଏହାକୁ ଉଚ୍ଛେଦ କରାଯାଇଥିବାରୁ ଏହାକୁ ସ୍ୱାଗତ କରିଛନ୍ତି ସହରବାସୀ। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଅନେକ ଜମି ମାଫିଆ ବହୁ ମୂଲ୍ୟବାନ ସରକାରୀ ଜମିକୁ କବ୍‌ଜା କରି ବେଆଇନ୍ ଭାବେ ବିକ୍ରି କରି କୋଟି କୋଟି ଟଙ୍କା ରୋଜଗାର କରୁଥିବା ଅଭିଯୋଗ ହେଉଛି। ଏଣୁ ଏହି ଜମି ମାଫିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ଜୋର ଧରିଛି।

# ଛୁଟିରେ ଗଲେ ଉମାକାନ୍ତ, ଯୋଗଦେବେ ବିଜୟ

## ହଳଦିଆ କଲେଜ ଅଧ୍ୟକ୍ଷ ପ୍ରସଙ୍ଗ

ଖୋର୍ଦ୍ଧା,୩୧।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ହଳଦିଆ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତ ପାତ୍ର ଏବଂ ଇନଚାର୍ଜ ଅଧ୍ୟକ୍ଷ (ଇତିହାସ ଅଧ୍ୟାପକ) ବିଜୟ କୁମାର ଭଞ୍ଜଦେଓଙ୍କ ମଧ୍ୟରେ ଲାଗିଥିବା ବିବାଦ ରୋଚକ ମୋଡ଼ ନେଇଛି। ପୂର୍ବରୁ ଉଚ୍ଚଶିକ୍ଷାବିଭାଗ ଉମାକାନ୍ତଙ୍କୁ ନିରାକାରପୁର କଲେଜକୁ ବଦଳି କରିଥିଲା। ଉମାକାନ୍ତଙ୍କ ପିଟିଶନ ଆଧାରରେ ହାଇକୋର୍ଟ ବଦଳି ଆଦେଶକୁ ରଦ୍ଦ କରିଥିବା ବେଳେ ଏହାକୁ ଚାଲେଞ୍ଜ କରିଥିଲେ ପରିଚାଳନା ସଭାପତି। ଗତ ୨୫.୭.୨୪ରେ ହାଇକୋର୍ଟ ଏହାକୁ ଗ୍ରହଣ କରି ଉମାକାନ୍ତଙ୍କ ପିଟିଶନକୁ ଖାରଜ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ପ୍ରକାରେ ଉଚ୍ଚ ଶିକ୍ଷା ବିଭାଗ ନିଜ ଆଦେଶ ଫେରାଇ ନେବା ସହ ଉମାକାନ୍ତଙ୍କୁ ପରିଚାଳନା ସଭାପତି ୧୮ଜୁନରେ କରିଥିବା ବଦଳି ଆଦେଶ ପ୍ରକାରେ ୧୯ଜୁନଠାରୁ ନିରାକାରପୁର କଲେଜକୁ ସ୍ଥାନାନ୍ତର ତାରିଖ ଭାବେ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। ଫଳରେ ଦୀର୍ଘଦିନ ଧରି କଲେଜ ଅଧ୍ୟକ୍ଷ ପଦବୀକୁ ନେଇ ଚାଲିଥିବା ଛକାପଞ୍ଝାରେ ଏକପ୍ରକାର ଯବନିକା ପଡ଼ିଛି।

### ଜିଲାପାଳଙ୍କୁ ଚିଠି ଲେଖିଲେ ସଭାପତି

ବୁଧବାର ପରିଚାଳନା ସଭାପତି ରଞ୍ଜନ କୁମାର ଭଞ୍ଜ ଚିଠି ନଂ. ୫୭/୩୧.୭.୨୪ ପ୍ରକାରେ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। କଲେଜ ପାଣ୍ଠିର ଦୁରୁପଯୋଗ, ବ୍ୟାପକ ଅନିୟମିତତା କରିଛନ୍ତି। କଲେଜର ପରିଚାଳନା କମିଟି ସଭ୍ୟ, କଲେଜ ଷ୍ଟାଫଙ୍କ ମାଧ୍ୟମରେ କୋଠା ଓ ଅନ୍ୟାନ୍ୟ କାମ ଆଳରେ ପ୍ରାୟ ୭୦ଲକ୍ଷ ଟଙ୍କାର ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ କେଭିଡିଏଭି କଲେଜକୁ ଦେଇଥିବା ସ୍ଥାନାନ୍ତର ଆଦେଶ ପ୍ରକାରେ ପରିଚାଳନା କମିଟିସଭାପତିଚିଠିନଂ. ୧୮/୧୯.୬୨୪ ଦେଇଥିବା ବଦଳି ଆଦେଶକୁ ହାଇକୋର୍ଟ ଡବ୍ଲ୍ୟୁପି(ସି) ନଂ.୧୫୭୨୫/୨୪ ତାରିଖ ୨୬.୭.୨୪ କାଏମ ରଖିଛନ୍ତି। ସେ ଆହୁରି ଲେଖିଛନ୍ତି, ଉମାକାନ୍ତ ଉଚ୍ଚ ଶିକ୍ଷା ବିଭାଗ କିମ୍ବା ହାଇକୋର୍ଟ ଆଦେଶକୁ ଖାତିର ନ କରି ଜୋରଜବରଦସ୍ତ କଲେଜ ଅଧ୍ୟକ୍ଷ ଭାବେ ବିଭିନ୍ନ ଆଦେଶନାମା ଜାରି କରି ନିଜକୁ ଅଧ୍ୟକ୍ଷ ବୋଲାଉଛନ୍ତି। ରାଜ୍ୟ ସରକାରଙ୍କ ନିୟମ ଉଲ୍ଲଂଘନ କରି କଲେଜର ବହୁ ଗୁରୁତ୍ୱପୂର୍ଣ୍ଣ ରେକର୍ଡ, କାଗଜପତ୍ର ନିଜ ଅକ୍ତିଆରରେ ରଖିଛନ୍ତି। ପରିଚାଳନା କମିଟି ଆଦେଶକୁ ଅବମାନନା ସହ କଲେଜର କେତେଜଣ ଷ୍ଟାଫ, ଅସମାଜିକ ବ୍ୟକ୍ତି, କେତେଜଣ ଛାତ୍ରଙ୍କୁ ନିଜ ଅକ୍ତିଆରରେ ରଖି ଧମକ ମଧ୍ୟ ଦେଉଛନ୍ତି। ଏହି ଘଟଣାର ସତ୍ୟାସତ୍ୟକୁ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

### ବିଧାୟକଙ୍କ ଅଭିଯୋଗ ଭିତ୍ତିହୀନ



ଗୀତାଭବନ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ବିଧାନସଭାରେ ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତ ପାତ୍ରଙ୍କ ନାଁରେ ଆଣିଥିବା ୭୦ ଲକ୍ଷ ଟଙ୍କା ଆତ୍ମସାତ୍ ଅଭିଯୋଗ ଉପରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ସ୍ୱଷ୍ଟୀକରଣ ରଖିଛନ୍ତି। ଅଧ୍ୟକ୍ଷଙ୍କ ବିରୋଧରେ ବିଧାୟକ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ, କପୋଳକଳ୍ପିତ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବୁଧବାର ସ୍ଥାନୀୟ ଗୀତାଭବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ହଜାରୀ ମାର୍ଥା, ଗୋଲକ ନାୟକ, ଇନ୍ଦୁ ଭୂଷଣ ଭଞ୍ଜ, ପୂର୍ଣ୍ଣଚନ୍ଦ୍ର ସାହୁ, ଧ୍ରୁବଚରଣ ଭଞ୍ଜଦେଓ ପ୍ରମୁଖ ବିଧାୟକଙ୍କ ଉପରେ ବର୍ଷିଥିଲେ। ଏହି ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରିବାକୁ ଦାବି କରିଛନ୍ତି। କଲେଜରେ ଶୈକ୍ଷିକ ବାତାବରଣରେ ଯେପରି ବାଧା ନ ହେବ ସେଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି କହିଛନ୍ତି।

### ଅଭିଯୋଗକୁ ଖଣ୍ଡନ କଲେ ଉମାକାନ୍ତ

ପରିଚାଳନା ସଭାପତି ରଞ୍ଜନ ଭଞ୍ଜ ଆଣିଥିବା ସମସ୍ତ ଅଭିଯୋଗକୁ ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତ ପାତ୍ର ଖଣ୍ଡନ କରିଛନ୍ତି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ପୂର୍ବରୁ କଲେଜ ପରିଚାଳନା କମିଟି ୬ଜଣ ସଦସ୍ୟ ସଭାପତିଙ୍କ ମନମୁଖି କାର୍ଯ୍ୟ ବିରୋଧରେ ଉଚ୍ଚ ଶିକ୍ଷା ବିଭାଗ, ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପରିଚାଳନା କମିଟି ଅନୁମୋଦନକ୍ରମେ ସମସ୍ତ ଉନ୍ନୟନମୂଳକ କାମ କରାଯାଇଛି।

### ହାଇକୋର୍ଟରୁ ନିୟମିତ ଜାମିନ ପାଇଲେ

ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ପରେ ଏଠାରେ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିବା ଉମାକାନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ଯାଇଥିବା ଜଣାପଡ଼ିଛି। ସେପଟେ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣାରେ ଇତିହାସ ଅଧ୍ୟାପକ ଓ ପରିଚାଳନା ସଭାପତି ହାଇକୋର୍ଟରୁ ନିୟମିତ ଜାମିନ ପାଇଛନ୍ତି। ଗତ ୪ ତାରିଖରୁ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଛୁଟିରେ ଥିବା ସମ୍ପୃକ୍ତ ଇତିହାସ ଅଧ୍ୟାପକ ଗୁରୁବାର ପୁଣି ଥରେ ଇନ୍‌ଚାର୍ଜ ଅଧ୍ୟକ୍ଷ ଭାବେ କାର୍ଯ୍ୟରେ ଯୋଗଦାନ କରିବେ ବୋଲି ବିଜୟ କହିଛନ୍ତି।

# ଶିକ୍ଷା ଅଧିକାର, ଶିଶୁ ସୁରକ୍ଷା, ବାଳ ଅପରାଧ ଆଇନ ସଚେତନତା ଶିବିର



ସଚେତନତା ଶିବିରରେ ଉପସ୍ଥିତ ଅତିଥି।

ବାଣପୁର,୩୧।୭(ଦିଲୀପ କୁମାର ସ୍ୱାଇଁ)

ଚିଲିକା ତାଲୁକ ଆଇନ ସେବା କମିଟିପକ୍ଷରୁ ଏହାର ଅଧ୍ୟକ୍ଷ ତଥା ଜୁଡିସିଆଲ କୋର୍ଟର ଜେଏମ୍ଏଫ୍‌ସି ଯୁଧିଷ୍ଠିର ଦଳାଇଙ୍କ ଅଧ୍ୟକ୍ଷତାରେ ବୁଧବାର ଛୋଟରାୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଶିକ୍ଷା ଅଧିକାର, ଶିଶୁ ସୁରକ୍ଷା ତଥା ବାଳ ଅପରାଧ ଆଇନ' ଶୀର୍ଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚିଲିକା ତାଲୁକ ଆଇନ ସେବା କମିଟି ପକ୍ଷରୁ ଏହାର ସଭ୍ୟ ପ୍ରଦୋଷ କୁମାର ଦାସ, ଦେବାଶିଷ ରଥ, ଅଶୋକ କୁମାର ଜେନା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ତ୍ରିପାଠୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ପ୍ରଦୋଷ କୁମାର ଦାସ ସଭା ସଞ୍ଚାଳନ କରିଥିବା ବେଳେ ସିଦ୍ଧଲାଲ ମାରାଣ୍ଡି, ଭାରତ ଭୂଷଣ ଦାଶ, ପ୍ରଫୁଲ୍ଲ କୁମାର ପ୍ରଧାନ, ସୁଜାତା ମାନ୍ଧାତା, ବବିତା ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ଚିଲିକା ଜୁଡିସିଆଲ କୋର୍ଟରେ କାର୍ଯ୍ୟରତ ଆଇନଜୀବୀ, ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ମଲାଗୁଣୀ ବ୍ୟାରେଜ୍‌ର ପୁନରୁଦ୍ଧାର ହେଉ

## କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା,୩୧।୭ (ପ୍ରଭାତ ପାଣିଗ୍ରାହୀ)

ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ, ବିଳମ୍ବ ମୌସୁମୀ, ଜଳସେଚନ ଅଭାବରୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଜଳସେଚନ ଅଭାବଜନିତ ସମସ୍ୟାର ସମାଧାନ, ଚାଷୀଙ୍କ ଚାଷକାମରେ ସହଯୋଗ ଉଦ୍ଦେଶ୍ୟରେ ରାମେଶ୍ୱରଠାରେ ମଲାଗୁଣୀ ବ୍ୟାରେଜ ନିର୍ମାଣ ହୋଇଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ବ୍ୟାରେଜ୍ ନଷ୍ଟ ହେବାକୁ ବସିଛି। ପ୍ରତିବର୍ଷ ବର୍ଷାଦିନ ଆସିଲେ ମଲାଗୁଣି ବ୍ୟାରେଜର ପୁନରୁଦ୍ଧାର ପାଇଁ ଚାଷୀ ଦାବି କରୁଛନ୍ତି। ପ୍ରତିଶ୍ରୁତି ମିଳୁଛି, ହେଲେ ପଦକ୍ଷେପ ନିଆଯାଉନାହିଁ। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବ୍ୟାରେଜର ପୁନରୁଦ୍ଧାର ଓ ମରାମତି ଦାବିରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ନେତ୍ରୀ ସୋନାଲି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ଜିଲା ରାମେଶ୍ୱର ଗଡ଼ଠାରେ ୧୯୮୩ରେ ୯ଟି ଗେଟ ବିଶିଷ୍ଟ ମଲାଗୁଣୀ ନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ ହୋଇଥିଲା। ଏହା ଏବେ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ଫଳରେ ବେଗୁନିଆ, ସତ୍ୟବାଦୀ, ବ୍ରହ୍ମଗିରି, ଖୋର୍ଦ୍ଧା ଆଦି ନିର୍ବାଚନମଣ୍ଡଳୀର ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଚାଷୀ ଭଲ ଫସଲ ଉତ୍ପାଦନ କରି ନ ପାରି ଚାଷ ଛାଡ଼ି ଦାଦନ ଶ୍ରମିକ ପାଲଟିଲେଣି। ବ୍ୟାରେଜ ନିର୍ମାଣ ସହ ବିଭିନ୍ନ ଅଞ୍ଚଳକୁ କେନାଲ ନିର୍ମାଣ କରାଯାଇଥିଲା। ଖରାଟିଆ, ରବି ଫସଲ ଉଦ୍ଦେଶ୍ୟରେ ଏହି ବ୍ୟାରେଜ ନିର୍ମାଣ ହୋଇଥିଲା। ଆରମ୍ଭରେ ଚାଷୀବିଭିନ୍ନ ଫସଲ କରି ଲାଭାନ୍ୱିତ ହେଉଥିଲେ। ଏବେ ଚାଷୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଏହି ସ୍ଥାନରେ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ବଡ଼ ବୋରିଂ କରାଯାଇ ସ୍ଥାନୀୟ ପଞ୍ଚାୟତବାସୀ ପିଇବା ପାଣିର ମଧ୍ୟ ସୁଯୋଗ ପାଇପାରୁଥିଲେ। ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱ ଦିଆଗଲାନାହିଁ। ଫଳରେ ଗେଟ ମରାମତି ସମସ୍ୟା, କେନାଲ ମରାମତି ନ ହେବାରୁ ଅନେକ ସ୍ଥାନରେ ଘଳିଆ ସହ କୃତ୍ରିମ ଜଙ୍ଗଲ ସୃଷ୍ଟି ଯୋଗୁ ଉପର ପାଣି ତଳକୁ ଆସିପାରିଲାନାହିଁ। ଫନିରେ ୩ନଂ, ୬ନଂ ଓ ୭ନଂ. ଗେଟକୁ କଢାଯାଇ ସଂଯୋଗ ବେଳକୁ ଆଉ ଗୋଟେ କ୍ଷତିଗ୍ରସ୍ତ କାରଣରୁ ତାହା ଏବେ ବାଲିବସ୍ତାରେ କାର୍ଯ୍ୟ ଚଳୁଛି। ୧ନଂ, ୨ନଂ, ୪ନଂ, ୫ନଂ, ୮ ନଂ, ୯ନଂ ଆଦି ଗେଟରେ ମଧ୍ୟ ଅଚଳାବସ୍ଥା ସୃଷ୍ଟି ହୋଇଛି। ଶୀଘ୍ର ନୂତନ ଗେଟ ସଂଯୋଗ କରାନଗଲେ ବର୍ଷାଋତୁରେ ପରିସ୍ଥିତି ଅଣାୟତ୍ତ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି କଂଗ୍ରେସ ଦାବି କରିଛି।


କଂଗ୍ରେସ ନେତ୍ରୀ ସୋନାଲି ସାହୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ମହିଳାଙ୍କ ମୃତ୍ୟୁକୁ ନେଇ ହସ୍ପିଟାଲରେ ଉତ୍ତେଜନା

## ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଲେ ପରିବାର

ଟାଙ୍ଗୀ,୩୧।୭(ରଘୁନାଥ ସାହୁ)

ନୟାଗଡ଼ ଜିଲା ଚାନ୍ଦପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ବୁଧବାର ଉତ୍ତେଜନା ଦେଖାଦେଇଛି। ମୃତା ହେଲେ ଚାନ୍ଦପୁର ଥାନା ଅନ୍ତର୍ଗତ ଓସ୍ତପଡ଼ା ଗ୍ରାମର ପ୍ରତିମା ସାମନ୍ତରାୟ(୪୬)। ତେବେ ଚିକିତ୍ସାରେ ଅବହେଳା ଯୋଗୁ ପ୍ରତିମାଙ୍କ ମୃତ୍ୟୁ ହେଲା ବୋଲି ପରିବାରଲୋକେ ଅଭିଯୋଗ ଆଣିଛନ୍ତି। ଏନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଖବରପାଇ ଚାନ୍ଦପୁର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନା ମୁତାବକ, ମଙ୍ଗଳବାର ଅସ୍ତ୍ରୋପଚାର ପାଇଁ ପ୍ରତିମା ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବୁଧବାର ସକାଳେ ତାଙ୍କର ଅପରେଶନ ହୋଇଥିଲା। ତେବେ କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଚିକିତ୍ସାରେ ଅବହେଳା ଯୋଗୁ ପ୍ରତିମାଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ସୂଚନାଥାଉ କି, କିଛି ବର୍ଷ ପୂର୍ବେ ଏହି ହସ୍ପିଟାଲରେ ଜଣେ ନାବାଳକଙ୍କୁ ଭୁଲ ଇଞ୍ଜେକ୍ସନ ଦିଆଯିବା ଯୋଗୁ ଗୁରୁତର ହୋଇପଡ଼ିଥିଲେ। ଏନେଇ ଉକ୍ତ ସମୟରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା।

# କଲେଜରେ ବଢୁଛି ବିଶୃଙ୍ଖଳା

କଳାପଥର,୩୧।୭(ଗଙ୍ଗାଧର ସାହୁ)

କଳାପଥର-ଧଳାପଥର କଲେଜରେ ବିଶୃଙ୍ଖଳା ଲାଗି ରହିଛି। କେତେଜଣ ଅଣଛାତ୍ର ବିଭିନ୍ନ ସମୟରେ କଲେଜ ଛାତ୍ରଙ୍କୁ ହାତକରି ବିଭିନ୍ନ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଚୋରି, ଭଙ୍ଗାରୁଜାଠାରୁ ଆରମ୍ଭ କରି ଅଧ୍ୟାପିକାଙ୍କୁ ଅଶ୍ଳୀଳ ଇଙ୍ଗିତ ସହ ଅଧ୍ୟାପକଙ୍କୁ ଗାଳିଗୁଲଜ କରୁଛନ୍ତି। ଏପରିକି କଲେଜ ପରିସରରେ ବସି ମଦ୍ୟପାନ କରୁଛନ୍ତି। ମଙ୍ଗଳବାର କଲେଜ ପରିସରରେ ଏକ ବୈଠକ ହେଉଥିଲା। ଏହି ସମୟରେ କଲେଜ ବାରଣ୍ଡାରେ କେତେଜଣ ଛାତ୍ର ଓ ଅଣଛାତ୍ର ମଦ୍ୟପାନ କରୁଥିବା ଦେଖିବାକୁ ମିଳିଥିଲା। ପରିଚାଳନା ସମିତିର ସଦସ୍ୟ ଓ ଷ୍ଟାଫମାନେ ଘଟଣା ସମ୍ପର୍କରେ ବୈଦେଶ୍ୱର ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ୪ଜଣଙ୍କ ମଧ୍ୟରୁ ୩ଜଣଙ୍କୁ ଧରିଥିବା ବେଳେ ଜଣେ ଅଣଛାତ୍ର ଖସି ପଳାଇଥିଲେ। କଲେଜରେ ଅରାଜଗତା କରୁଥିବା ଛାତ୍ର ଓ ଅଣଛାତ୍ରଙ୍କ ବରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ବସୁନ୍ଧରା ଯୋଜନାରେ ସ୍ଥାୟୀ ଘରଡ଼ିହ ପଟ୍ଟା ଦିଅ


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ଖୋର୍ଦ୍ଧା,୩୧।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ତହସିଲ ଅଧୀନ ଗୋଳବାଇ ପଞ୍ଚାୟତର ରାଜସ୍ୱ ଗ୍ରାମ କାୟା ମୌଜାରେ ଦୀର୍ଘ ୪୦ରୁ ୫୦ ବର୍ଷ ଧରି ସରକାରୀ ଜାଗାରେ ଘର କରି ରହି ଆସୁଥିବା ପରିବାରଙ୍କୁ ସ୍ଥାନୀୟ ତହସିଲଦାର ଜବରଦଖଲ ମାମଲା ରୁଜୁ କରି ଖଜଣା ଓ ଜରିମାନା ଆଦାୟ କରୁଛନ୍ତି। ବସୁନ୍ଧରା ଯୋଜନାରେ ସ୍ଥାୟୀ ଘରଡିହ ପଟ୍ଟା ଯୋଗାଇଦେବା ପାଇଁ ବୁଧବାର ଜିଲାପାଳଙ୍କୁ ଦାବି କରିଛନ୍ତି ପୀଡ଼ିତ ପରିବାର। ଦାବିପତ୍ର ଅନୁଯାୟୀ, ଏହି ଜାଗା ଉପରେ ପୁରୁଷାନୁକ୍ରମେ ରହି ଆସୁଥିବା ପରିବାରଙ୍କୁ ସ୍ଥାୟୀ ପଟ୍ଟା ପାଇଁ ଦୀର୍ଘଦିନ ଧରି ସ୍ଥାନୀୟ ସରପଞ୍ଚ, ବିଧାୟକ, ତହସିଲଦାର, ଜିଲାପାଳଙ୍କୁ ଦାବିପତ୍ର ଦେଇ ଆସୁଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଉ ନାହିଁ। ଘରଡିହ ପଟ୍ଟା ନ ଥିବାରୁ ପିଲାମାନେ ଉଚ୍ଚ ଶିକ୍ଷା ନିମନ୍ତେ କୌଣସି ପ୍ରମାଣପତ୍ର ପାଇପାରୁନଥିବା ବେଳେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏମିତିକି ଅଗ୍ନିକାଣ୍ଡ ଘଟି ଘର ପୋଡ଼ିଗଲେ ମଧ୍ୟ ସହାୟତା ମିଳୁନାହିଁ । ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ହୋଇଗଲାଣି। ଏଠାରେ ବସବାସ କରୁଥିବା ପରିବାର ଗରିବ ଶ୍ରେଣୀର ଏବଂ ଭୂମିହୀନ। ଦୈନିକ ମୂଲ ଲାଗିଲେ ପରିବାର ପୋଷଣ କରନ୍ତି। ପଟ୍ଟା ପାଇଁ ବର୍ଷ ବର୍ଷ ଧରି କାର୍ଯ୍ୟାଳୟକୁ ଦୌଡୁଛୁ, ପ୍ରତିଶ୍ରୁତି ମିଳୁଛି, ହେଲେ କାର୍ଯ୍ୟକାରୀ କରାଯାଉନାହିଁ ବୋଲି କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଲଚ୍ଛମନ ସାହୁ, ବିଦ୍ୟୁଲତା ନାୟକ, କନକ ବାରିକ, ନମିତା ସାହୁ, ରମେଶ ପ୍ରଧାନ, ମାମା ସ୍ୱାଇଁ, ଜୟନ୍ତୀ ମହାପାତ୍ର, ସତ୍ୟଭାମା ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଘର ମରାମତି କରିବାକୁ ଆସି ନେଇଗଲେ ବ୍ୟାଟେରି, ଇନ୍‌ଭର୍ଟର

ବେଗୁନିଆ,୩୧।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ନୂଆସାହିର ସୁଧାଂଶୁଶେଖର ଦାସ ଭୁବନେଶ୍ୱରରେ ରହି କାର୍ଯ୍ୟ କରୁଥିବାବେଳେ ତାଙ୍କ ଘରର ମରାମତି କାର୍ଯ୍ୟ କରିବାକୁ ଭୁବନେଶ୍ୱରର ଏକ ପ୍ରାଇଭେଟ ଗୃହ ନିର୍ମାଣ ସଂସ୍ଥାକୁ ଦାୟିତ୍ୱ ଦେଇଥିଲେ। ସମ୍ପୃକ୍ତ ସଂସ୍ଥା ଜଣେ ମିସ୍ତ୍ରି ଓ ସହଯୋଗୀଙ୍କୁ ପଠାଇ ଦୀର୍ଘ ୧୪ଦିନ ଧରି ଘର କାର୍ଯ୍ୟ କରି ଆସୁଥିଲା। ଘରର କାର୍ଯ୍ୟ କିଭଳି ଚାଲିଛି ବୋଲି ଗତ ୨୯ ତାରିଖରେ ଦାସ ମିସ୍ତ୍ରିଙ୍କୁ ଫୋନରେ ଯୋଗାଯୋଗ କରିଥିଲେ। କିନ୍ତୁ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ସେ ବେଗୁନିଆସ୍ଥିତ ଘରକୁ ଆସିବା ବେଳକୁ କବାଟଗୁଡ଼ିକ ଖୋଲା ରହିଥିବା ବେଳେ ବ୍ୟାଟେରି ଓ ଇନ୍‌ଭର୍ଟର ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ଦାସ ଗୃହ ନିର୍ମାଣ ସଂସ୍ଥା ସହ ଯୋଗାଯୋଗ କରିବା ସହିତ ବେଗୁନିଆ ଥାନାରେ ଅଭିଯୋଗ କରିଛନ୍ତି।

# ସମ୍ଭାଗସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

ଖୋର୍ଦ୍ଧା,୩୧।୭(ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ଭୋପାଳ ସମ୍ଭାଗସ୍ତରୀୟ କବାଡ଼ି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକ, ଭୋପାଳ, ବିଳାସପୁର, ରାୟପୁର ଓ ଉଜ୍ଜେନ ଆଦି କ୍ଲଷ୍ଟରର ୧୨୦ଜଣ ଛାତ୍ର ଓ ୧୨୦ ଜଣ ଛାତ୍ରୀଙ୍କୁ ନେଇ ୧୪ବର୍ଷରୁ କମ୍, ୧୭ ବର୍ଷରୁ କମ୍ ଏବଂ ୧୯ବର୍ଷରୁ କମ୍ ବର୍ଗର ତିନୋଟି ଶ୍ରେଣୀରେ ଖେଳ ହୋଇଥିଲା। ଏହି ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଉଜ୍ଜେନ କ୍ଲଷ୍ଟର ବିଜୟୀ ହୋଇଥିବା ବେଳେ ୧୪ବର୍ଷରୁ କମ ବାଳିକା ବର୍ଗ ଓ ୧୯ବର୍ଷରୁ କମ ବାଳିକା ବର୍ଗରେ ରାୟପୁର କ୍ଲଷ୍ଟର ବିଜୟୀ ହୋଇଛି। ସେହିପରି ୧୪ବର୍ଷରୁ କମ୍ ବାଳକ ବର୍ଗରେ ରାୟପୁର କ୍ଲଷ୍ଟର, ୧୭ ବର୍ଷରୁ କମ୍ ବାଳକ ବର୍ଗରେ ରାୟପୁର କ୍ଲଷ୍ଟର ଓ ୯ବର୍ଷରୁ କମ ବାଳକ ବର୍ଗରେ ଉଜ୍ଜେନ କ୍ଲଷ୍ଟର ବିଜୟୀ ହୋଇ ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି। ରାୟପୁର କ୍ଲଷ୍ଟର ଚାମ୍ପିୟନ ହୋଇଥିବା ବେଳେ ଉଜ୍ଜେନ କ୍ଲଷ୍ଟର ରନର୍ସଅପ୍ ହୋଇଛି। ମୁଖ୍ୟ ଅତିଥିଭାବେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଯୋଗଦେଇ ବିଜୟୀ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଅତିଥିଭାବେ ଜିଲା ଖେଳ ଅଧିକାରୀ ଅଜୟ ବେହେରା ଯୋଗଦେଇ ଭବିଷ୍ୟତରେ ପ୍ରୋକବାଡିରେ ଆଗକୁ ଯିବାପାଇଁ ଉତ୍ସାହିତ କରିଥିଲେ। ଇଂଲିଶ ଅଧ୍ୟାପକ ଜୟପ୍ରକାଶ ସିଂ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷା କବିତା କର ସ୍ୱାଗତ ଭାଷଣ, ଉପଧ୍ୟକ୍ଷା ମମତାମୟୀ ଚୌଧୁରୀ ଧନ୍ୟବାଦ ଦେଇଥିଲେ। କ୍ରୀଡା ଶିକ୍ଷକ ବୈକୁଣ୍ଠ ବେହେରା, ଶିକ୍ଷୟିତ୍ରୀ ମନୋରମା ଜେନା, ଚୟନ ମଣ୍ଡଳୀ, ଭାଗୀଦାରୀ କ୍ଲଷ୍ଟରର ଶିକ୍ଷକଶିକ୍ଷୟିତ୍ରୀ, ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟୀତ୍ରୀ ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସମ୍ଭାଗସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ସିଏସ୍ଏଫ୍‌ରେ ୧୦ବ୍ଲକ୍‌କୁ ଦିଆଯାଇଛି ୧୩୧ କୋଟି

## ଜିଲା ପରିଷଦ ପ୍ରଥମ ଷ୍ଟାଣ୍ଡିଂ କମିଟି ବୈଠକ

- ମାଛ ଚାଷକୁ ପ୍ରାଥମିକତା ଦିଆଯାଉ
- ନୂତନ ଭତ୍ତା ପାଇଁ ୧୨,୯୭୧ ଆବେଦନ

ଖୋର୍ଦ୍ଧା,୩୧।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପରିଷଦ ପ୍ରଥମ ସ୍ଥାୟୀ(ଷ୍ଟାଣ୍ଡିଂ) କମିଟି ବୈଠକ ଜିଲାପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ଅଧ୍ୟକ୍ଷା ତଥା କମିଟିର ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠି, ସାଂସଦ ଓ ବିଧାୟକ ଅନୁଦାନ ପାଣ୍ଠିରେ ଅନୁମୋଦିତ ପ୍ରକଳ୍ପ, ଜିଲା ଯୋଜନା ଓ ସମନ୍ୱୟ ବିଭାଗ, ଜିଲା ମତ୍ସ୍ୟ, ଜିଲା ସମାଜ କଲ୍ୟାଣ ବିଭାଗ, ଜିଲା ସାମାଜିକ ସୁରକ୍ଷା ବିଭାଗ, ଲିଡ ବ୍ୟାଙ୍କ ମ୍ୟାନେଜର (ଏଲ୍‌ଡିଏମ) ଆଦି ଅଧୀନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭାଗୀୟ ଅଧିକାରୀମାନେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।

ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା(ସିଏସ୍ଏଫ୍)ରେ ଜିଲାର ୧୦ ବ୍ଲକ ପାଇଁ ୧୩୧କୋଟି ୨୦ଲକ୍ଷ ୬୯ହଜାର ଟଙ୍କାର ଅନୁଦାନ ଦିଆଯାଇଛି । ମୋଟ୍ ୨୭୧୯ ପ୍ରକଳ୍ପ ମଧ୍ୟରୁ ୨୫୨୯ଟି ପ୍ରକଳ୍ପ ଅନୁମୋଦିତ ହୋଇଛି। ୧୮କୋଟି ଟଙ୍କା ଏବେ ମଧ୍ୟ ଜିଲା ଯୋଜନା ସମନ୍ୱୟ ବିଭାଗରେ ପଡିରହିଛି । କ୍ରିଟିକାଲ ଗ୍ୟାପ୍ ଫଣ୍ଡ ଯୋଜନା ନିମନ୍ତେ ୨୦୨୩-୨୪ ଆର୍ଥିକ ବର୍ଷରେ ୭୬ଟି ପ୍ରକଳ୍ପ ପାଇଁ ୨କୋଟି ୨୫ଲକ୍ଷ ଅନୁଦାନ ୧୦ଟି ବ୍ଲକକୁ ପ୍ରଦାନ କରାଯାଇଛି। ଅନୁସୂଚିତ ଜାତି, ଜନଜାତି ପିଲାଙ୍କ ନିମନ୍ତେ ଜିଲାରେ ୧୮ଟି ବାଳକ ଓ ୬ଟି ବାଳିକା ଛାତ୍ରାବାସ ରହିଥିବା ଜିଲା ସମାଜ ମଙ୍ଗଳ ଅଧିକାରୀ ସୂଚନା ଦେଇଥିଲେ। ପାଠ ପଢୁଥିବା ଅନୁସୂଚିତ ଜାତି/ଜନଜାତି ଛାତ୍ରମାନଙ୍କୁ ମାସକୁ ୧୦୫୦ ଏବଂ ଛାତ୍ରୀଙ୍କୁ ୧୧୦୦ଟଙ୍କା ମାସିକ ପ୍ରୋତ୍ସାହନ ରାଶି ଦିଆଯାଉଛି। ଯେଉଁ ଛାତ୍ରୀଛାତ୍ରମାନେ ହଷ୍ଟେଲରେ ରହୁଛନ୍ତି ସେମାନଙ୍କୁ ମଧ୍ୟ ବାର୍ଷିକ ୭ହଜାର ଟଙ୍କା ଓ ଘରେ ରହି ପଢୁଥିବା (୯ମ ଓ ୧୦ମ) ପିଲାଙ୍କୁ ୩୫୦୦ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଛି । ଏଥିସହିତ ଅନୁସୂଚିତ ଜାତି/ଜନଜାତିର ଲୋକମାନେ କୌଣସି ପ୍ରତାରଣା କିମ୍ବା ଆକ୍ରମଣର ଶିକାର ହେଲେ ସେମାନଙ୍କୁ ନ୍ୟାୟିକ ବ୍ୟବସ୍ଥାର ଆର୍ଥିକ ସହଯୋଗ କରାଯାଉଛି। ୨୦୨୩-୨୪ରେ ୭୭ଜଣ ଓ ୨୦୨୪-୨୫ରେ ୬୧ଜଣଙ୍କୁ ସହାୟତା ଦିଆଯାଇଛି। ଜାତିଭିତ୍ତିକ ବିବାହ ପ୍ରୋତ୍ସାହନ ରାଶି ୨୦୨୪-୨୫ରେ ୬୩ଜଣଙ୍କୁ ଦିଆଯାଇଛି। ପୋଖରୀ ଖନନ ନିମନ୍ତେ ଦିଆଯାଉଥିବା ପ୍ରେତ୍ସାହନ ରାଶି ଅନୁସୂଚିତ ଜାତି/ଜନଜାତି ୫୦%, ସାଧାରଣ ବର୍ଗଙ୍କ ପାଇଁ ୪୦ ପ୍ରତିଶତ ରିହାତି ଦିଆଯାଉଛି। ଏଥିସହିତ କୈବର୍ତ୍ତ ସମାଜର ପିଲାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ସହାୟତା ଦିଆଯାଉଛି। ବେକାର ଯୁବକ ଯୁବତୀଙ୍କ ସ୍ୱାବଲମ୍ବୀ କରିବାକୁ ଜୈବ ପ୍ରଣାଳୀରେ (କୁଣ୍ଡ)ମାଛ ଚାଷ ନିମନ୍ତେ ୪ଲକ୍ଷ ୫୦ହଜାର ଟଙ୍କା ଏବଂ ପୁରୁଣା ପୋଖରୀର ପୁନରୁଦ୍ଧାର ପାଇଁ ହେକ୍ଟର ପିଛା ୪ଲକ୍ଷ ଟଙ୍କା ଅନୁଦାନ ରାଶି ଯୋଗାଇଦିଆଯାଉଥିବା ମତ୍ସ୍ୟ ବିଭାଗ ଅଧିକାରୀ କହିଛନ୍ତି। ଏହି ଯୋଜନା ଗୁଡିକର ଅଧିକ ପ୍ରଚାର ପ୍ରସାର ପାଇଁ ବ୍ଲକସ୍ତରରେ ସଚେତନତା କାର୍ଯ୍ୟ ପାଇଁ ସଭ୍ୟମାନେ ମତ ଦେଇଥିଲେ। ଜିଲାରେ ବିଭିନ୍ନ ଭତ୍ତା ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବୈଠକରେ ସୂଚନା ଦେଇଥିଲେ। ନୂତନ ଭତ୍ତା ନିମନ୍ତେ ୧୨୯୭୧ଟି ଦରଖାସ୍ତ ଆସିଛି। ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ପ୍ରାପ୍ୟ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କୁ ତୁରନ୍ତ ଜଣାଇବାକୁ ସଭ୍ୟମାନେ କହିଥିଲେ। ବାଣିଶ୍ରୀ ଶିକ୍ଷା ଯୋଜନାରେ ୪୦ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ପରିବାରର ମୁରବୀଙ୍କ ପରିବାରକୁ ଉଚ୍ଚଶିକ୍ଷା ନିମନ୍ତେ ବାର୍ଷିକ ୫୦ହଜାର ପ୍ରୋତ୍ସାହନ ରାଶି ଦିଆଯାଉଛି। ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବାକୁ ବିଭିନ୍ନ ଯୋଜନା ପାଇଁ ଅନଲାଇନରେ ଦରଖାସ୍ତ ଆହ୍ୱାନ କରାଯାଉଛି ବୋଲି ଜିଲା ଶିଳ୍ପ ଅଧିକାରୀ କହିଛନ୍ତି। ଏହି ବୈଠକରେ ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, କମିଟି ସଦସ୍ୟ ଜିଲା ପରିଷଦ ପ୍ରଫୁଲ କୁମାର ଦଳେଇ, ସଭ୍ୟା କୈଶରା ବେଗମ, ବିଜୟ ଜେନା, ପବିତ୍ର ପଟେଲ, କବିତା ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅବସର ନେଲେ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷ, ଉପାଧ୍ୟକ୍ଷ

କଟକ, ୩୧।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ କଲେଜ ଡିନ୍ ଆଣ୍ଡ ପ୍ରିନ୍ସିପାଲ ପ୍ରଫେସର ଡା. ପ୍ରସେନଜିତ୍ ମହାନ୍ତି ଓ ଉପାଧ୍ୟକ୍ଷ ପ୍ରଫେସର ଡା. ସତ୍ୟନାରାୟଣ ରାଉତରାୟ ଚାକିରିରୁ ଅବସର ନେଇଛନ୍ତି। ଏନେଇ ଏସ୍‌ସିବି ସେଣ୍ଟ୍ରାଲ ଅଡିଟୋରିୟମଠାରେ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ଏସ୍‌ସିବି ମେଡିକାଲ କଲେଜ ପାଇଁ ଉଭୟଙ୍କ ବହୁ ଅବଦାନ ରହିଛି ବୋଲି କହିଛନ୍ତି। ମେଡିକାଲ କଲେଜ ପକ୍ଷରୁ ପ୍ରସେନ୍‌ଜିତ ଓ ସତ୍ୟନାରାୟଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ଡା. ବନବିହାରୀ ମିଶ୍ର, କ୍ରିଷ୍ଣା କର, ପ୍ରଫେସର ଜୟନ୍ତ କୁମାର ପଣ୍ଡା, ସୁନୀଲ ଅଗ୍ରୱାଲ, ପ୍ରତିମା କୁମାରୀ ସାହୁ, ଡା. ବିଜୟ କୁମାର ବେହେରା, ପ୍ରଫେସର ତୁଷାରଜ୍ୟୋତି କର, ପ୍ରଫେସର ଜୟଶ୍ରୀ ମହାନ୍ତିଙ୍କ ସମେତ ମେଡିକାଲର ସମସ୍ତ ଡାକ୍ତର ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଡାକ୍ତର ସୁଶୀଲ କୁମାର ସାହୁଙ୍କ ପରଲୋକ

କଟକ,୩୧।୭ (କାର୍ତ୍ତିକ ସାହୁ)



ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ସୁଶୀଲ କୁମାର ସାହୁ (୯୦)ଙ୍କର ମଙ୍ଗଳବାର ଅପରାହ୍ନରେ ପରଲୋକ ହୋଇଯାଇଛି। ଏହି ଖବର ପାଇବା ପରେ ବହୁ ବିଶିଷ୍ଟ ବ୍ୟକ୍ତି କଟକ ନୂଆପଡ଼ାସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ଖାନ୍‌ନଗର ସ୍ୱର୍ଗଧାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ସଞ୍ଜୟ କୁମାର ସାହୁ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ସାହୁ ହାଇଦ୍ରାବାଦସ୍ଥିତ ଉସ୍‌ମାନିଆ ବିଶ୍ୱବିଦ୍ୟାଳୟରୁ ବିଭିଏସ୍‌ସି(ସ୍ନାତକ) ପାଠ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିଲେ। ସେ ଓଡ଼ିଶା ସରକାରଙ୍କ ଅଧୀନରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିବା ପରେ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଭାବେ ୧୯୯୩ ଜୁଲାଇରେ ଅବସର ଗ୍ରହଣ କରିଥିଲେ।

# କଣ୍ଟାପଡ଼ା-ପ୍ରତାପରୁଦ୍ରପୁର ରାସ୍ତା ବିପର୍ଯ୍ୟସ୍ତ

## ବିଭିନ୍ନ ସ୍ଥାନରେ ଖାଲ, ଘଟୁଛି ଦୁର୍ଘଟଣା

କଣ୍ଟାପଡ଼ା,୩୧।୭(ସୁରନାରାୟଣ ସାହୁ)

ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କଣ୍ଟାପଡା-ପ୍ରତାପରୁଦ୍ରପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ବିପର୍ଯ୍ୟସ୍ତ ହୋଇପଡିଛି। ଦୀର୍ଘଦିନ ମରାମତି ହୋଇ ନ ଥିବାରୁ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ତୁରନ୍ତ ରାସ୍ତା ମରାମତି ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କଣ୍ଟାପଡ଼ାଠାରୁ ପ୍ରତାପରୁଦ୍ରପୁର ପର୍ଯ୍ୟନ୍ତ ୫କିମି ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାକୁ ପିଚୁରାସ୍ତା କରିବା ପାଇଁ ୨ କୋଟି ୬ ଲକ୍ଷ ୨ ହଜାର ୮୧୧ ଟଙ୍କା ବ୍ୟୟ ଅଟକଳ କରାଯାଇ ୨୦୧୨।୨୦୧୬ରୁ ୩୦।୯।୨୦୧୯ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ସେହିପରି ରାସ୍ତା କାର୍ଯ୍ୟ



କଣ୍ଟାପଡ଼ା ଗୁରୁସାହି ବାଙ୍କ ନିକଟ ରାସ୍ତାରେ ଖାଲ।

ସରିବା ପରେ ୧।୧୦।୨୦୧୯ଠାରୁ ୩୦।୯।୨୦୨୪ ପର୍ଯ୍ୟନ୍ତ ସମ୍ପୃକ୍ତ ଠିକାଦାର ଏହାର ରକ୍ଷଣାବେକ୍ଷଣ କରିବା ପାଇଁ ୨୧ ଲକ୍ଷ ୬୯ ହଜାର ୩୩୪ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। କଟକ ଜିଲାରୁ ଖୋର୍ଦ୍ଧା ଜିଲାକୁ ଯାତାୟାତ ପାଇଁ ଏହା ଏକ ପ୍ରମୁଖ ରାସ୍ତା ହୋଇଥିବାବେଳେ ଭୁବନେଶ୍ୱର ଓ ପୁରୀକୁ ଯିବା ପାଇଁ ଦୂରତ୍ୱ ଦୃଷ୍ଟିରୁ ସହଜ ହୋଇଥାଏ। ତେବେ ଉକ୍ତ ରାସ୍ତାରେ ପ୍ରତିଦିନ ଶତାଧିକ ବାଲିବୋଝେଇ ହାଇୱା ଯାତାୟାତ କରିବା ଫଳରେ ଶୋଚନୀୟ ହୋଇପଡିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ ଖାଲ ହୋଇଥିବାବେଳେ ବର୍ଷା ହେଲେ ସେଥିରେ ପାଣି ଜମି ରହୁଛି। ଫଳରେ ଗାଡ଼ି ଚାଳକ ଓ ପଥଚାରୀମାନେ ଖାଲରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏପରି କି ସ୍କୁଲ୍ ଯାଉଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଉକ୍ତ ଖାଲରେ ପଡ଼ି ଖଣ୍ଡିଆଖାବରା ହେଉଥିବା ସେମାନଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି। ବିଶେଷକରି କଣ୍ଟାପଡା ଗୁରୁସାହି ବାଙ୍କ ନିକଟ ରାସ୍ତାରେ ହୋଇଥିବା ୨ଟି ଖାଲ ସବୁଠୁ ବିପଜ୍ଜନକ ଅବସ୍ଥାରେ ରହିଛି। ଏହି ଖାଲରେ ଦୈନିକ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଏହା ଉପରେ ଗଛଡାଳ ପକାଇ ଦେଇଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ଚକ୍ରଧର ବେହେରା କହିଛନ୍ତି, ତୁରନ୍ତ ଉକ୍ତ ରାସ୍ତା ମରାମତି ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସିଟି ସ୍କାନ ମେଶିନ ମରାମତି ଦାବିରେ ଧାରଣା




ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୁଭାଷ ସଙ୍ଗଠନର ସଦସ୍ୟମାନେ ଧାରଣାରେ ବସିଛନ୍ତି।

କଟକ,୩୧।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଅଚଳ ହୋଇଥିବା ସିଟିସ୍କାନ ମେଶିନ ତୁରନ୍ତ ମରାମତି ଦାବିରେ ସୁଭାଷ ସଙ୍ଗଠନର ସଦସ୍ୟମାନେ ବୁଧବାର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଉକ୍ତ ମେଶିନ ପୁନର୍ବାର କାର୍ଯ୍ୟକ୍ଷମ ନ ହେବା ଓ ନୂଆ ମେଶିନ ନ ଆସିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କୁହାଯାଇଥିଲା। ମେଡିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ ପହଞ୍ଚି ଉକ୍ତ ସଙ୍ଗଠନର ସଦସ୍ୟଙ୍କୁ ବୁଝାଶୁଝା କରିବା ସହ ମେଶିନ ଆସିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଥିବା ଜଣାଇବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ ସଙ୍ଗଠନର ସାଧାରଣ ସମ୍ପାଦକ ସୁରେଶ ମହାନ୍ତି କହିଛନ୍ତି, ଏସ୍‌ସିବି ମେଡିକାଲ ବିଶ୍ୱସ୍ତରୀୟ ହେବାକୁ ଯାଉଥିବାବେଳେ ସମସ୍ତ ସୁବିଧା ରୋଗୀଙ୍କୁ ଯୋଗାଇ ଦିଆଯିବା ଆବଶ୍ୟକ। ଏଠାକୁ ଦୂରଦୂରାନ୍ତରରୁ ରୋଗୀ ଆସୁଛନ୍ତି। ମେଶିନ ଖରାପ ହେବା ସହ ବିଭିନ୍ନ ସମସ୍ୟା ଦେଖାଦେବା ନିନ୍ଦନୀୟ ଘଟଣା। ତୁରନ୍ତ ଅଚଳ ମେଶିନ ମରାମତି ସହ ନୂଆ ମେଶିନ ନ ଆସିଲେ ପୁନର୍ବାର ଧାରଣା ଦିଆଯିବ ବୋଲି ମହାନ୍ତି କହିଛନ୍ତି। ଅପରପକ୍ଷରେ ଡା. ରାଉତ କହିଛନ୍ତି, ମେଡିକାଲରେ ମେଶିନ ଖରାପ ରହିବା ଯୋଗୁ କର୍କଟ କେନ୍ଦ୍ରକୁ ରୋଗୀଙ୍କୁ ପଠାଯାଉଛି। ସେଥିପାଇଁ ବ୍ୟବସ୍ଥା କରାଯାଇଛି। ସଙ୍ଗଠନର ଦାବିକୁ ଗୁରୁତ୍ୱ ଦିଆଯାଇ ତୁରନ୍ତ ମେଶିନ କାର୍ଯ୍ୟକ୍ଷମ ହେବା ଦିଗରେ ପଦକ୍ଷେପ ନିଆଯିବ।

# ବିଦ୍ୟାର୍ଥୀ ଶିଖିଲେ ନିଆଁଲିଭା କୌଶଳ



ସିଡିଏ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଅଗ୍ନିଶମ କର୍ମଚାରୀ ନିଆଁ ଲିଭା କୌଶଳ ଶିଖାଉଛନ୍ତି।

କଟକ,୩୧।୭(କାର୍ତ୍ତିକ ସାହୁ)

ଜିଲା ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ସିଡିଏ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଅଗ୍ନି ନିର୍ବାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ନମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀମାନେ ନିଆଁଲିଭା କୌଶଳ ଶିଖିଥିଲେ। ବକ୍ସିବଜାର ଅଗ୍ନିଶମ କାର୍ଯ୍ୟାଳୟର ପ୍ରଶିକ୍ଷକମାନେ ପ୍ରତିକୂଳ ପରିସ୍ଥିତିରେ ବିପଦର ସାମ୍ନା କରିବାକୁ ବିବିଧ ପ୍ରୟୋଗାତ୍ମକ କୌଶଳ ବିଦ୍ୟାର୍ଥୀଙ୍କୁ ଶିଖାଇଥିଲେ। ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା ଅଗ୍ନି ନିର୍ବାପନ ନିମନ୍ତେ ବହୁ ଉପାଦେୟ କୌଶଳ ବୁଝାଇଥିଲେ। ଏଥିସହ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ସମ୍ପର୍କରେ ତାଲିମ ଦିଆଯାଇଥିଲା। ବିଦ୍ୟାଳୟର ଏନ୍‌ସିସି(ନାଭାଲ), ସ୍କାଉଟ୍ସ ଓ ଗାଇଡ୍ସ ଛାତ୍ରୀଛାତ୍ରମାନେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରିଥିଲେ। ବିଦ୍ୟାଳୟର ଏନ୍‌ସିସି, ସ୍କାଉଟ୍ସ-ଗାଇଡ୍ସ ଓ ଶାରୀରିକ ଶିକ୍ଷା ଶିକ୍ଷକମାନେ ସହଯୋଗ କରିଥିଲେ।

### ଶ୍ରୀ ଶ୍ରୀ ବଡ଼ମା'ଙ୍କ ୧୩୧ତମ ଜନ୍ମୋତ୍ସବ

କଟକ,୩୧।୭ (କାର୍ତ୍ତିକ ସାହୁ)

ଠାକୁର ଅନୁକୂଳଚନ୍ଦ୍ରଙ୍କ ଲୀଳାସଙ୍ଗିନୀ ପରମାରାଧ୍ୟା ଶ୍ରୀ ଶ୍ରୀ ବଡ଼ମା'ଙ୍କ ୧୩୧ତମ ଜନ୍ମୋତ୍ସବ କଟକ ସତ୍‌ସଙ୍ଗ ବିହାର ପକ୍ଷରୁ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ବେଦ ମାଙ୍ଗଳିକ, ନହବତ, ଉଷାକୀର୍ତ୍ତନ ସହ ବନ୍ଦେ ପୁରୁଷୋତ୍ତମ ଧ୍ୱନି ମଧ୍ୟରେ ଶ୍ରୀ ଶ୍ରୀ ବଡ଼ମା'ଙ୍କ ଜନ୍ମଲଗ୍ନ ଘୋଷଣା କରାଯାଇଥିଲା। ସହପ୍ରତିଋତ୍ୱିକ ଅମରନାଥ ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ବକ୍ସିବଜାରସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ସତ୍‌ସଙ୍ଗ ଓ ସଦାଲୋଚନା ଅନୁଷ୍ଠିତ ହୋଇଥିଲା। ଦେଓଘରରୁ ଆଗତ ଋତ୍ୱିକ ଶ୍ରୀଧର ସୁନ୍ଦର ମିଶ୍ର ବକ୍ତବ୍ୟ ଦେଇ ଶ୍ରୀ ଶ୍ରୀ ବଡ଼ମା'ଙ୍କ ଜୀବନାଲେଖ୍ୟ ଉପରେ ଆଲୋଚନା କରିଥିଲେ। ଜିତେନ୍ଦ୍ର ପତି, ପ୍ରମୋଦ ଦାସ ମତବ୍ୟକ୍ତ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ କର୍ପୋରେଟର ଲିଜାରାଣୀ ରାଉତ ଯୋଗଦେଇଥିଲେ। ସତ୍‌ସଙ୍ଗ ବିହାରର ସମ୍ପାଦକ ଉମ୍ବରୁଧର ଦାସ ଧନ୍ୟବାଦ ଦେଇଥିଲେ। ଗଦାଧର ବେହେରା, ଧ୍ରୁବଚରଣ ସାହୁ, ଗୋବିନ୍ଦ ବିଶ୍ୱାଳ, ମୀନକେତନ ମହାନ୍ତି, ରବି ଦୀକ୍ଷିତ, ତ୍ରିନାଥ ବାରିକ, ବଟକୃଷ୍ଣ ଦାସ, ବିଷ୍ଣୁପ୍ରସାଦ ଦାସ, ପ୍ରଭାସ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବନ୍ୟାପାଣି ଆସିବା ପରେ ମହାନଦୀ ବନ୍ଧ ପାର୍ଶ୍ୱ ସଫେଇ



ବାଙ୍କୀ,୩୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ହୀରାକୁଦର ୨୦ଟି ଗେଟ୍ ଖୋଲାଯିବା ସହିତ ତଳିଆ ଅଞ୍ଚଳର ବର୍ଷାଜଳ ମହାନଦୀକୁ ନିଷ୍କାସନ ହେଉଛି। ବାଙ୍କୀ ଅଞ୍ଚଳରେ ମହାନଦୀର ନଦୀବନ୍ଧ ଦୁଇ ପାର୍ଶ୍ୱରେ ବହୁ ପରିମାଣର ଅନାବନା ଗଛ ପୂର୍ଣ୍ଣ ହେବା ଫଳରେ କେଉଁ ଜାଗାରେ ଘଳିଆ ରହିଛି ତାହା ଦେଖାଯାଉନାହିଁ। ବହୁ ଡେରିରେ ଜଳ ସମ୍ପଦ ବିଭାଗର ଚେତା ପଶିଛି। ଏବେ ନଦୀବନ୍ଧକୁ ସଫା କରାଯାଉଛି। ନଦୀବନ୍ଧକୁ ବନ୍ୟାଜଳ ଆସିବା ଯଥେଷ୍ଟ ପୂର୍ବରୁ ସଫା କରିବାର ଆବଶ୍ୟକତା ଥିଲା ବୋଲି ଜନସାଧାରଣ ମତ ପ୍ରକାଶ ପାଇଛି।

# 'ପ୍ରକୃତିରୁ ସାହିତ୍ୟ ସୃଷ୍ଟି ହୋଇଥାଏ'

ବଡ଼ମ୍ବା, ୩୧।୭ (ମାୟାଧର ମଲ୍ଲିକ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ବୈକୁଣ୍ଠ ସାହିତ୍ୟ ସଂସଦର ମୌସୁମୀ ସାହିତ୍ୟ ଆସର

ବୈକୁଣ୍ଠ ସାହିତ୍ୟ ସଂସଦ ବଡ଼ମ୍ବା ଆନୁକୂଲ୍ୟରେ ସ୍ଥାନୀୟ ରାଜବିଶ୍ୱମ୍ଭର କ୍ଲବ ପରିସରରେ ବୁଧବାର ମୌସୁମୀ ସାହିତ୍ୟ ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଶିକ୍ଷାବିତ୍ ତଥା କବି ଜଗନ୍ନାଥ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଆସରରେ ମୁଖ୍ୟ ଅତିଥି ଭାବେ ନରସିଂହପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କୁଳମଣି ବାରିକ ଯୋଗଦେଇ ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ କବିତାକୁ ପ୍ରକୃତି ସହିତ ତୁଳନା କରିଥିଲେ। ଏଥିସହ ପ୍ରକୃତିରୁ ହିଁ ସାହିତ୍ୟ ସୃଷ୍ଟି ହୋଇ ଥାଏ ବୋଲି କହିଥିଲେ। ସେହିପରି ସଂସଦର ପ୍ରତିଷ୍ଠାତା ସ୍ୱର୍ଗତ ପଣ୍ଡିତ ସୂର୍ଯ୍ୟନାରାୟଣ ମିଶ୍ର ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଦୁର୍ଯ୍ୟୋଧନ ବରାଳ, ସମ୍ମାନିତ ଅତିଥି ଭାବେ ନରସିଂହପୁର ସାହିତ୍ୟ ସଂସଦ ସଭାପତି ସଚ୍ଚିଦାନନ୍ଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଆସରରେ ଶିକ୍ଷାବିତ୍ ଧନେଶ୍ୱର ସ୍ୱାଇଁ, ସହଦେବ ମଲ୍ଲିକଙ୍କ ସମେତ ସ୍ଥାନୀୟ ସାହିତ୍ୟାନୁରାଗୀ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ପ୍ରବନ୍ଧକ ବିପିନ ବିହାରୀ ମହାନ୍ତି, ଶିକ୍ଷାବିତ୍ ସରୋଜକାନ୍ତ ବଳିୟାରସିଂ, ରାମଚନ୍ଦ୍ର ବିଶ୍ୱାଳ, ଆଇନଜୀବୀ ସନ୍ତୋଷ କୁମାର ବେହେରା, ଅମରେଶ ରଥ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଜିତ ପଟ୍ଟନାୟକ, ଚିନ୍ମୟୀ ମହାନ୍ତିଙ୍କ ସମେତ ନୀହାର ରଞ୍ଜନ ମିଶ୍ର, ଗୋବିନ୍ଦ ଚନ୍ଦ୍ର ସିଂସାମନ୍ତ, ଗଙ୍ଗାଧର ମହାରଣା ପ୍ରମୁଖ ସ୍ଥାନୀୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ନରସିଂହପୁର ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରାଧ୍ୟାପକ ଡ. ଶାରଦାନନ୍ଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବୈକୁଣ୍ଠ ସାହିତ୍ୟ ସଂସଦର ସମ୍ପାଦକ ଆଇନଜୀବୀ ଗିରିଜା ପ୍ରସାଦ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଦେଇଥିଲେ।

# ମଦ ଦୋକାନ ଖୋଲିବା ନିଷ୍ପତ୍ତି ପ୍ରତ୍ୟାହାର ହେଉ

କଟକ,୩୧।୭(କାର୍ତ୍ତିକ ସାହୁ)

କଟକ ଜିଲାରେ ୩୮ଟି ଦେଶୀ ଓ ବିଦେଶୀ ମଦ ଦୋକାନ ଖୋଲିବା ନିଷ୍ପତ୍ତିର ପ୍ରତିବାଦ କରିଛି ଓଡ଼ିଶା ନିଶା ନିବାରଣ ଅଭିଯାନ ଓ ଉତ୍କଳ ସର୍ବୋଦୟ ମଣ୍ଡଳ। ଉଭୟ ସଙ୍ଗଠନ ମିଳିତ ଭାବେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ପ୍ରତିବାଦ ସଭା ମାଧ୍ୟମରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସଭାରେ ଲକ୍ଷ୍ମୀପ୍ରିୟା ମହାନ୍ତି ଅଧ୍ୟକ୍ଷତା କରି ନୂତନ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ଜିଲାପାଳ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି କହିଛନ୍ତି।

ପ୍ରକାଶ ଯେ, ଗତ ୧୩ ତାରିଖରେ କଟକ ଜିଲାପାଳ ଏକ ବିଜ୍ଞପ୍ତି ଜାରି କରି ୩୮ଟି ଦେଶୀ ଓ ବିଦେଶୀ ମଦ ଦୋକାନକୁ ପୁନଃ ନିଲାମ କରିବାର ସୂଚନା ଦେଇଥିଲେ। ଚୋରି, ଡକାୟତି, ରାହାଜାନି, ଦୁର୍ଘଟଣା, ହତ୍ୟା ହେଉଛି ନିଶାର ଏକ ପ୍ରମୁଖ କାରଣ। ତେଣୁ




ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା।

ଗତ ୧୦ ବର୍ଷ ଧରି ନିଶା କାରବାର ବିରୋଧରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଆନ୍ଦୋଳନ ଚଳାଇ ଆସିଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କୌଣସି କାରଣରୁ ବନ୍ଦ ପଡ଼ିଥିବା ଦେଶୀ ଓ ବିଦେଶୀ ମଦ ଦୋକାନଗୁଡ଼ିକୁ ପୁଣି ଥରେ ଖୋଲିବା ଏବଂ କେତେକ ସ୍ଥାନରେ ନୂଆ ଦୋକାନ ଖୋଲିବା ପାଇଁ ଜିଲାପାଳମାନେ ନିଲାମ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହା ଜନସାଧାରଣଙ୍କୁ ହତୋତ୍ସାହ କରିଛି। ନିର୍ବାଚନବେଳେ ମଦ ବନ୍ଦ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ସରକାରଙ୍କ ଏଭଳି ପଦକ୍ଷେପକୁ ଜନସାଧାରଣ ନାପସନ୍ଦ କରୁଛନ୍ତି ବୋଲି ବକ୍ତାମାନେ ମତପ୍ରକାଶ କରୁଛନ୍ତି। ରେଣୁକା ସାହୁ, ମଳୟ ତ୍ରିପାଠୀ, ରମାକାନ୍ତ ମଣ୍ଡଳ, ପ୍ରିୟନାଥ ଆଚାର୍ଯ୍ୟ, କାହ୍ନୁ ଚରଣ ବେହୁରା, ଡ. ବିଜୟ ସ୍ୱାଇଁ, ଇନ୍ଦୁମତୀ ସାହୁ, ଖଗେଶ୍ୱର ବଳ, କବିତାରାଣୀ ପରିଡ଼ା ପ୍ରମୁଖ ପ୍ରତିବାଦ ସଭାରେ ଉପସ୍ଥିତ ଥିଲେ।




ବସ୍ତିବାସିନ୍ଦାଙ୍କୁ ଭୂମି ପ୍ରମାଣପତ୍ର ପ୍ରଦାନ ଦାବିରେ ବୁଧବାର ବସ୍ତିବାସିନ୍ଦାଙ୍କ ଏକତା ମଞ୍ଚ ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।



କଟକ ଜୋବ୍ରା ଶିଖରପୁର ରେଲୱେ ବ୍ରିଜ୍ ବାଇପାସ୍ ରୋଡ୍‌ରେ ମହାନଦୀ ବନ୍ୟାଜଳ।

